ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.168 Bhubaneswar Saturday Auguest 20 2022 | ୨୫ତମ ବର୍ଷ ସଂଖ୍ୟା–୧୬୮ ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨୦, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ପ୍ରବଳ ବର୍ଷା ଆଶଙ୍କା: ୪ ଜିଲ୍ଲାବାସୀଙ୍କୁ ସୁରକ୍ଷିତ ରହିବାକୁ ମୁଖ୍ୟମନ୍ତ୍ରୀଙ୍କ ଅପିଲ୍ ?



ଭୁବନେଶ୍ୱର,୧୯।୮(ପି.ଏନ): ରାଜ୍ୟରେ ବନ୍ୟା ପରିସ୍ଥିତି ଲାଗି ରହିଥିବାବେଳେ ଲଘୁଚାପଜନିତ ପ୍ରବଳ ବର୍ଷା ଆଶଙ୍କାରେ ୪ଟି ଜିଲ୍ଲାର ଲୋକମାନଙ୍କୁ ସୁରକ୍ଷିତ ରହିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପିଲ୍ କରିଛନ୍ତି ।ଶ୍ରୀ ପଟ୍ଟନାୟକ ଆଜି ଭିଡିଓ ବାର୍ତ୍ତା ଜାରି କରି କହିଛନ୍ତି ଯେ, ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ ଆଜି ରାତିରୁ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଭଦ୍ରକରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ତେଣୁ ଏଥିରେ ଭୟଭୀତ ନହୋଇ ପ୍ରଶାସନର ନିର୍ଦ୍ଦେଶକୁ ପାଳନ ଓ ସହଯୋଗ କରିବାକୁ ସେ ଜିଲ୍ଲାବାସୀଙ୍କୁ ନିବେଦନ କରିବା ସହ ତାଙ୍କ ପାଇଁ ପ୍ରତ୍ୟେକଟି ଜୀବନ ମୂଲ୍ୟବାନ ବୋଲି କହିଛନ୍ତି । ନିଜେ ସୁରକ୍ଷିତ ରହିବା ସହ ନିଜ ପରିବାରର ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ଶ୍ରୀ ପଟ୍ଟନାୟକ ଅପିଲ୍ କରିଛନ୍ତି ।ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ କେନ୍ଦୁଝର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର କେତେକ ସ୍ଥାନରେ ଶନିବାର ସକାଳ ୮ଟା ୩୦ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।ଏପରିକି ୨୦ସେଣ୍ଟିମିଟରରୁ ଅଧିକ ବର୍ଷା ହେବାର ଆଶଙ୍କା କରାଯାଇଛି । ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହିବା ସହ ଘଂଟାପ୍ରତି ୫୫ରୁ ୬୫କିମି ବେଗରେ ପବନ ବୋହିବାର ସମ୍ଭାବନା ଅଛି । ଏହି ପ୍ରବଳ ବର୍ଷା ଆଶଙ୍କାରେ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ସମସ୍ତ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରକୁ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଧ? ମଧ୍ୟ ଜିଲ୍ଲାର ସମସ୍ତ ପର୍ଯ୍ୟଟନସ୍ଥଳୀକୁ ପର୍ଯ୍ୟଟକଙ୍କ ନିମନ୍ତେ ଶୁକ୍ରବାର ଓ ଶନିବାର ଦୁଇଦିନ ପାଇଁ ବନ୍ଦ ଘୋଷଣା କରିଛନ୍ତି । ପର୍ଯ୍ୟଟନସ୍ଥଳୀରେ ରାତିରେ ନରହିବା ପାଇଁ ପର୍ଯ୍ୟଟକମାନଙ୍କୁ ପରାମର୍ଶ ଦିଆଯାଇଛି ।ଏହି ଲଘୁଚାପ ଅଧିକ ଘନୀଭୂତ ହୋଇ ତୀବ୍ର ଅବପାତର ରୂପ ନେବାର ସମ୍ଭାବନା ଥିବାରୁ ଏହାର ପ୍ରଭାବରେ ପ୍ରବଳ ବର୍ଷା ହେବ । ଏହି ବର୍ଷା ଯୋଗୁ ବୈତରଣୀ, ସୁବର୍ଣ୍ଣରେଖା ଓ ବୁ?ାବଳଙ୍ଗରେ ବନ୍ୟା ଆସିବାର ମଧ୍ୟ ଆଶଙ୍କା କରାଯାଉଛି । ସେହିପରି କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଢେଙ୍କାନାଳ,ଅନୁଗୁଳ, ଦେବଗଡ, ସୁନ୍ଦରଗଡ, ସମ୍ବଲପୁର,ସୋନପୁର, ବୌଦ୍ଧ, ବଲାଙ୍ଗିର ଓ ଯାଜପୁରର କେତେକ ସ୍ଥାନରେ ମଧ୍ୟ ପ୍ରବଳ ବର୍ଷାର ଆଶଙ୍କା ରହିଛି ।

## ବାଲି ମାଫିଆଙ୍କ ଫାର୍ମହାଉସକୁ ଯାଉଥିବା ପ୍ରଭାବଶାଳୀ ବିଜେଡି ନେତା କିଏ ?



ଭୁବନେଶ୍ୱର,୧୯।୮(ପି.ଏନ): ସବୁ ନୀତିନିୟମକୁ ଜଳାଞ୍ଜଳି ଦେଇ କୁଆଖାଇ ଓ କୁଶଭଦ୍ରା ନଦୀରୁ ବେଆଇନ ଭାବେ ବାଲିଖନନ ଓ ଚାଲାଣ ହେଉଛି । ଲିଜ୍ ସର୍ତ୍ତାବଳୀକୁ ଖୋଲାଖୋଲି ଉଲ୍ଲଘଂନ ହେଉଛି । ବାଲି ଉଠାଇବାକୁ ଲିଜ୍ ନେଇଥିବା ବ୍ୟକ୍ତିଙ୍କ ଫାର୍ମହାଉସକୁ ରାଜ୍ୟର ଜଣେ ଅତ୍ୟନ୍ତ ପ୍ରଭାବଶାଳୀ ବିଜେଡି ନେତା ଯା'ଆସ କରୁଥିବାରୁ ସମ୍ପୃକ୍ତ ଲିଜଧାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ସମ୍ଭବପର ହୋଇପାରୁନି ।ସ୍ଥାନୀୟ ଅଂଚଳରେ ଅସନ୍ତୋଷ ବ?ୁଛି, ସରକାର ତୁରନ୍ତ ରୋକ୍ ଲଗାନ୍ତୁ ନଚେତ୍ ପରିଣାମ ଭଲ ହେବନି । ଆଜି ଏଭଳି ଢଙ୍ଗରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ରାଜ୍ୟ ସରକାରଙ୍କୁ କଡା ଚେତାବନୀ ଦେଇଛନ୍ତି । ତେବେ ବେଆଇନ ଭାବେ ବାଲି ଖନନ କରୁଥିବା ଲିଜଧାରୀଙ୍କ ଫାର୍ମହାଉସକୁ ନିୟମିତ ଯାଉଥିବା ପ୍ରଭାବଶାଳୀ ବିଜେଡି ନେତା କିଏ ଓ ସେହି ଫାର୍ମହାଉସରେ ସମ୍ପୃକ୍ତ ବିଜେଡି ନେତା କ'ଣ କରନ୍ତି ତାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି ।ସାଂସଦ ଶ୍ରୀମତୀ ଷଡଙ୍ଗୀ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ, ଜୟଦେବ ନିର୍ବାଚନମଣ୍ଡଳୀର ବାଲିଅନ୍ତା ଓ ବାଲିପାଟଣାରେ କୁଆଖାଇ ଓ କୁଶଭଦ୍ରା ନଦୀରେ ବେଆଇନ ଭାବେ ବାଲି ଖନନ ଓ ଚାଲାଣ ହେଉଛି । ଏଥିରେ ବିଜେଡିର ଜଣେ ଅନ୍ତତଃ ପ୍ରଭାବଶାଳୀ ନେତାଙ୍କ ହାତ ରହିଛି । ଜିଲ୍ଲା ପ୍ରଶାସନକୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପ୍ରଭାବଶାଳୀ ନେତାଙ୍କ ଛତ୍ରଛାୟାରେ ରହି ଏଠାରୁ ହଜାର ହଜାର ଟନ୍ ବାଲି ଖନନ ଓ ଚାଲାଣ ହେଉଛି । ଦିନରାତି ସବୁବେଳେ ଏଠାରେ ଜେସିବି ଲଗାଇ ବାଲି ଖନନ ଓ ଚାଲାଣ କରାଯାଉଛି ।ଶ୍ରୀମତୀ ଷଡଙ୍ଗୀ ଏହି ବେଆଇନ ବାଲି ଖନନର ଫଟୋ ଓ ଭିଡିଓ ମଧ୍ୟ ଗଣମାଧ୍ୟମକୁ ପ୍ରଦାନ କରିଛନ୍ତି । ଏହି ବେଆଇନ ବାଲି ଖନନ ସମ୍ପର୍କରେ ସେ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି । ପ୍ରମାଣସ୍ୱରୂପ ଫଟୋ ଓ ଭିଡିଓ ମଧ୍ୟ ଦେଇଛନ୍ତି । କିନ୍ତୁ ସମ୍ପୃକ୍ତ ବାଲିମାଫିଆଙ୍କ ବିରୁଦ୍ଧରେ ଜିଲ୍ଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନେଇପାରୁନି । ସମ୍ପୃକ୍ତ ବିଜେଡି ନେତାଙ୍କ ଛତ୍ରଛାୟାରେ ଲିଜଧାରୀ ମାସମାସ ଧରି ଏହି ବାଲି ଖନନ ଓ ଚାଲାଣ ଜାରି ରଖିଛନ୍ତି । ଏବେ ବନ୍ୟା ଜଳ ଆସିଥିବାରୁ ବାଲି ଖନନ ଓ ଚାଲାଣ ବନ୍ଦ ରହିଛି । ସେ ଗତକାଲି ମଧ୍ୟ ଏହି ସ୍ଥାନକୁ ଯାଇଥିଲେ ଓ ସ୍ଥାନୀୟ ଲୋକମାନେ ଏନେଇ ତାଙ୍କୁ ଅଭିଯୋଗ କରିଛନ୍ତି । ଲିଜ୍ ସର୍ତ୍ତାବଳୀ ଅନୁସାରେ ମେସିନ୍ କିମ୍ବା ଜେସିବି ଲଗାଇ ବାଲି ଖନନ କରାଯାଇ ପାରିବ ନାହିଁ । ସୂର୍ଯ୍ୟାସ୍ତ ପରେ ବାଲି ଉଠାଣ ହେବନି । କିନ୍ତୁ ଏସବୁକୁ ସମ୍ପୃକ୍ତ ଲିଜଧାରୀ ମାନୁନାହାନ୍ତି । ପ୍ରଭାବଶାଳୀ ବିଜେଡି ନେତାଙ୍କ ସମ୍ପୃକ୍ତି ଯୋଗୁ ଲିଜ୍?ଧାରୀ ବେଆଇନ ବାଲି ଖନନ ଓ ଚାଲାଣ ଜାରି ରଖିଛନ୍ତି । ଯଦି ସରକାର ତୁରନ୍ତ ଏଥିରେ ରୋକ୍ ନଲଗାଇବେ ତା'ହେଲେ ପରିଣାମ ଭଲ ହେବ ନାହିଁ ବୋଲି ଶ୍ରୀମତୀ ଷଡଙ୍ଗୀ ଚେତାବନୀ ଦେଇଛନ୍ତି ।

### ପୋଲିସ ଇନଫର୍ମର ସନ୍ଦେହରେ ଯୁବକଙ୍କୁ ହତ୍ୟା

ନୂଆପଡା, ୧୯।୮(ପି.ଏନ): ନୂଆପଡା ଜିଲ୍ଲା ସୁନାବେଡା ଅଭୟାରଣ୍ୟରେ ପୁଣି ରକ୍ତମୁଖା ହୋଇ ଉଠିଛି ଲାଲ ବାହିନୀ । ଗତକାଲି ରାତିରେ ଢେକୁନପାଣି ଗାଁ ମୁଣ୍ଡରେ ମାଓବାଦୀ ମାନେ ପୁଲିସ ଇନଫର୍ମର ସନ୍ଦେହରେ ଜଣେ ଯୁବକଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ସୂଚନା ମିଳିଛି । ମୃତ ଯୁବକଙ୍କ ନାମ ଅନନ୍ତରାମ ରାଉତ (୪୦) ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।ଛତିଶଗଡ଼ ରାଜ୍ୟ ନାଗରର ଗାଁର ଏହି ଯୁବକ ସୁନାବେଡା ଅଭୟାରଣ୍ୟ ଅଧିନ କୋମନା ଥାନା ଢେକୁନପାଣି ଗାଁରେ ରହୁଥିଲେ । ଗତକାଲି ରାତିରେ ଯୁବକ ଜଣକ ଶୋଇଥିବା ବେଳେ ମାଓବାଦୀ ମାନେ ତାଙ୍କୁ ଘରୁ ଡାକିନେଇ ଗାଁ ମୁଣ୍ଡରେ ହତ୍ୟା କରିଥିବା ସୂଚନା ମିଳିଛି । ମୃତକ ଯୁବକଙ୍କ ନାମ ଅନନ୍ତରାମ ରାଉତ ବୋଲି ଜଣାପଡ଼ିଛି ।

### ହୀରାକୁଦର ୨୦ ଟି ଗେଟ୍ ଖୋଲା

ଭୁବନେଶ୍ୱର, ୧୯।୮(ପି.ଏନ): ଶୁକ୍ରବାର ଦିନ ହୀରାକୁଦ ଜଳ ଭଣ୍ଡାରର ୮ ଟି ଗେଟ୍ ବନ୍ଦ କରାଯାଇଛି । ମଧ୍ୟାହ୍ନରେ ୪ ଟି ଗେଟ୍ ବନ୍ଦ କରାଯାଇଥିବା ବେଳେ ଅପରାହ୍ନରେ ଆଉ ୪ ଟି ଗେଟ୍ ବନ୍ଦ କରାଯାଇଛି । ଅପରାହ୍ନ ୬ ଟା ସୁଦ୍ଧା ମୋଟ୍ ୨୦ ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି । ବର୍ତ୍ତମାନ ହୀରାକୁଦର ଜଳସ୍ତର ୬୨୧.୬୭ ଫୁଟ୍ କରିଛି । ଡ୍ୟାମ୍ ମଧ୍ୟକୁ ପ୍ରତି ସେକେଣ୍ଡ ୨,୭୩,୪୭୪ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୩,୫୦,୭୯୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି ।

## ମାଲକାନଗିରିରେ ୧୬୦ରୁ ଉର୍ଦ୍ଧ୍ୱ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ

ମାଲକାନଗିରି ,୧୯।୮(ପି.ଏନ):- ମାଲକାନଗିରି ଜିଲ୍ଲାରେ ଦିନକୁ ଦିନ ଡେଙ୍ଗୁ ଆକ୍ରାନ୍ତ ରୋଗୀ ଚିହ୍ନଟ ହେବାରେ ଲାଗିଛି । ଜିଲାର ୬ଟି ବ୍ଲକରେ ଡେଙ୍ଗୁରୋଗୀ ଚିହ୍ନଟ ହୋଇଥିବା ଜଣାପଡିଛି । ଡେଙ୍ଗୁ ନିମନ୍ତେ ଚିତ୍ରକୋଣ୍ଡା ଓ ବାଲିମେଳା ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଚାଲିଥିବା ବେଳେ ମାଲକାନଗିରି ପୌରାଞ୍ଚଳରେ ଏନେଇ କୌଣସି କାର୍ଯ୍ୟକ୍ରମ ହେଉନଥିବା ଅଭିଯୋଗ ହେଉଛି । ମାଲକାନଗିରି ପୌର ପରିଷଦ ଅଞ୍ଚଳରେ ୨୩ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ମାଲକାନଗିରି ବ୍ଲକର ଗ୍ରାମାଞ୍ଚଳରେ ୨ଜଣ , ଚିତ୍ରକୋଣ୍ଡା ସଦର ମହକୁମାରେ ୬୩ ଜଣ , ଗ୍ରାମାଞ୍ଚଳରେ ୧୦ ଜଣ , ବଲିମେଳା ବିଜ୍ଞାପିତ ପରିଷଦ ଅଞ୍ଚଳରେ ୧୭ ଜଣ , ପାଣ୍ଡ୍ରିପାଣି ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ୩ ଜଣ , କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧ଜଣ , କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୫ ଜଣ , ମାଥୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ଜଣ , କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୭ ଜଣ ଡେଙ୍ଗୁରୋଗୀ ଚିହ୍ନଟ ହୋଇ ଚିକିତ୍ସିତ ହେଉଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୧୬୨୦ ଜଣଙ୍କ ନମୁନା ପରୀକ୍ଷା କରାଯାଇଛି । ଏ ସମ୍ପର୍କରେ ମଶାବାହିତ ରୋଗ ଉପ ନିର୍ଦ୍ଦେଶକ ଡଃ ଧନେଶ୍ୱର ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ , ପ୍ରତ୍ୟେକ ଅଞ୍ଚଳରେସ୍ୱତନ୍ତ୍ର ମେଡିକାଲ ଟିମ କାମ କରୁଛନ୍ତି । ଆଶା ଓ ଅଙ୍ଗନବାଡି କର୍ମୀ ଏବଂ ମିଶନ ଶକ୍ତି ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମଧ୍ୟ ଏଥିରେ ନିୟୋଜିତ କରାଯାଇଛି । ସମସ୍ତେ ପ୍ରତ୍ୟେକ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରୁଛନ୍ତି । ଆମ ରାଜ୍ୟ ଅପେକ୍ଷା ବାହାର ରାଜ୍ୟ ତେଲେଙ୍ଗାନା ଓ ହାଇଦ୍ରାବାଦ , ତାମିଲନାଡୁ ଓ ବେଙ୍ଗୁଲୁରରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଅଧିକ ରହିଛି ବୋଲି ମହାପାତ୍ର କହିଥିଲେ । ଏହି ଅଞ୍ଚଳ କୁ ଯାତାୟାତ କରୁଥିବା ଲୋକମାନେ ମଧ୍ୟ ଏ ସମ୍ପର୍କରେ ସଚେତନ ହୋଇନିଜେ ଧ୍ୟାନ ରଖିବା ଉଚିତ କାରଣ ଡେଙ୍ଗୁ ଆକ୍ରାନ୍ତ ରୋଗୀ ନିଜେ ସଚେତନ ନ ହେଲେ ଏଥିରୁ ରକ୍ଷା ପାଇବା କଷ୍ଟକର ବୋଲି ସେ ପ୍ରକାଶ କରିଛନ୍ତି ।

## ମଧ୍ୟାହ୍ନ ଭୋଜନରେ ପୋକରା ସୋୟାବିନ୍ ତରକାରୀ ଖାଇ ୫୩ରୁ ଅଧିକ ପିଲା ଅସୁସ୍ଥ



କାମାକ୍ଷାନଗର, ୧୯।୮(ପି.ଏନ): ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ମଧ୍ୟାହ୍ନ ଭୋଜନରେ ଯୋଗାଇ ଦିଆଯାଉଛି ପୋକରା ସୋୟାବିନ୍ ତରକାରୀ ! ଯାହାକୁ ଖାଇ ୫୩ରୁ ଅଧିକ ଛାତ୍ରଛାତ୍ରୀ ଅସୁସ୍ଥ ହୋଇପଡିଛନ୍ତି ।ଆଜି ଏପରି ଚିତ୍ର ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅଞ୍ଚଳରୁ ଆସିଛି ।ସୋଗର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ରହିଛି । ଏଠାରେ ପାଖାପାଖି ୩୪୫ ପିଲା ପାଠ ପଢୁଛନ୍ତି । ସବୁଦିନ ପରି ଆଜି ମଧ୍ୟ ପିଲାମାନେ ସ୍କୁଲ ଆସିଥିଲେ । ଆଉ ମହିମା ମା' ହରଗୌରୀ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରି ସ୍କୁଲକୁ ଯୋଗାଇ ଦିଆଯାଇଥିଲା । ଖେଳଛୁଟିରେ ପ୍ରାୟତଃ ୨୬୫ ପିଲା ମଧ୍ୟାହ୍ନ ଭୋଜନ ଖାଇଥିଲେ । ମଧ୍ୟାହ୍ନ ଭୋଜରେ ଭାତ ଓ ସ୍ୱୟାବିନ୍ ତରକାରୀ ହୋଇଥିଲା ।ପିଲାମାନେ ମଧ୍ୟାହ୍ନ ଭୋଜନ ଖାଇବା ବେଳେ ସୋୟାବିନ୍ ତରକାରୀରୁ ପୋକ ବାହାରିଥିବା ଅଭିଯୋଗ ହୋଇଥିଲା । ଏହା ପରେ ପିଲାମାନେ ବାନ୍ତି କରି ଅସୁସ୍ଥ ହୋଇପଡିଥିଲେ । ୫୩ରୁ ଅଧିକ ପିଲାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଏବେ ମଧ୍ୟ ଆହୁରି ପିଲା ମେଡିକାଲ୍‌କୁ ଆସୁଥିବା ଜଣାପଡିଛି । ସେମାନଙ୍କୁ ସେଠାରେ ଚିକିତ୍ସା ଯୋଗାଇ ଦିଆଯାଉଛି ।

## ୧୧ ଦୁଷ୍କର୍ମକାରୀଙ୍କୁ ଜେଲରୁ ଛାଡିଥିବା ପ୍ୟାନେଲରେ ବିଜେପିର ୫ ଜଣ !



ଗୋଧ୍ରା,୧୯।୮((ପି.ଏନ): ଗୁଜରାଟ ଦଙ୍ଗା ବେଳେ ବିଲକିସ ବାନୋଙ୍କୁ ଦୁଷ୍କର୍ମ ଓ ତାଙ୍କ ପରିବାର ଲୋକଙ୍କୁ ହତ୍ୟା କରିବା ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇଥିବା ୧୧ ଜଣ ଏବେ ଜେଲରୁ ବାହାରି ମୁକ୍ତ ଜୀବନ ବିତାଉଛନ୍ତି । ସେମାନଙ୍କୁ ଏହି ବର୍ବରକାଣ୍ଡ ପାଇଁ ୧୫ ବର୍ଷ ତଳେ ଆଜୀବନ ଜେଲଦଣ୍ଡ ମିଳିଥିଲା । ହେଲେ ସ୍ୱାଧୀନତା ଦିବସରେ ଗୁଜରାଟ ସରକାରଙ୍କ ସ୍ୱତନ୍ତ୍ର ପ୍ୟାନେଲର ପରାମର୍ଶକ୍ରମେ ସେମାନଙ୍କୁ କ୍ଷମା ନୀତି ଅନୁସାରେ ଜେଲରୁ ଖଲାସ କରି ଦିଆଯାଇଛି । ଏହାକୁ ନେଇ ବିବାଦ ଚାଲିଥିବା ବେଳେ ଏବେ ନୂଆ ତଥ୍ୟ ସାମ୍ନାକୁ ଆସିଛି ।ଗୁଜରାଟ ସରକାର ଗଠନ କରିଥିବା ୧୦ ଜଣିଆ ପ୍ୟାନେଲ ହିଁ ୧୧ ଦୁଷ୍କର୍ମକାରୀଙ୍କୁ କ୍ଷମା ନୀତିରେ ଖଲାସ କରିବାକୁ ପ୍ରସ୍ତାବ ଦେଇଥିଲା । ଏହି ୧୦ ଜଣିଆ ପ୍ୟାନେଲରେ ଥିବା ୫ ଜଣ ସଦସ୍ୟଙ୍କ ଲିଙ୍କ ରାଜ୍ୟରେ କ୍ଷମତାସୀନ ବିଜେପି ସହ ରହିଛି । ପ୍ୟାନେଲରେ ଥିବା ସଦସ୍ୟଙ୍କ ସମ୍ପର୍କରେ ଏକ ସରକାରୀ ଦସ୍ତାବିଜ୍ ? ଏବେ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି ।ଏହି ଦସ୍ତାବିଜ ଅନୁସାରେ, ସରକାର ଗଠନ କରିଥିବା ୧୦ ଜଣିଆ ପ୍ୟାନେଲରେ ୨ ଜଣ ହେଉଛନ୍ତି ବିଜେପି ବିଧାୟକ । ସେହିପରି ଜଣେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ କମିଟିର ସଦସ୍ୟ ଓ ବାକି ୨ ଜଣଙ୍କ ସମ୍ପର୍କ ବିଜେପି ସହ ରହିଛି ।ପ୍ୟାନେଲରେ ଥିବା ବିନୀତା ଲେଲେଙ୍କୁ ସରକାର ସମାଜିକ କର୍ମୀ ଭାବେ ଦର୍ଶାଇଛନ୍ତି । ହେଲେ ତାଙ୍କର ସୋଶାଲ ମିଡିଆ ଆକାଉଣ୍ଟରେ ସେ ଜଣେ ବିଜେପି ସଦସ୍ୟ ବୋଲି ଉଲ୍ଲେଖ ରହିଛି । ସେହିପରି ଆଉ ଜଣେ ତଥା କଥିତ ସାମାଜିକ କର୍ମୀ ହେଲେ ପବନଭାଇ ସୋନି । ରାଜ୍ୟ ବିଜେପିର ୱେବ ପୃଷ୍ଠାରେ ସୋନି ହେଉଛନ୍ତି ଦଳର କାର୍ଯ୍ୟକାରିଣୀ କମିଟିର ସଦସ୍ୟ ବୋଲି ଲେଖା ଯାଇଛି । ତାଙ୍କ ଠିକଣା ଓ ଫୋନ ନମ୍ବର ଗୁଜରାଟ ବିଜେପିର ୱେବସାଇଟରେ ରହିଛି । ସେ ଘଟଣା ସମ୍ପର୍କରେ ପ୍ରତିକ୍ରିୟା ଦେବାକୁ ମନା କରି ଦେଇଛନ୍ତି । ହେଲେ ବିଜେପି ସହ ତାଙ୍କର ଲିଙ୍କକୁ ସେ ସିଧାସଳଖ ମନା କରି ନାହାନ୍ତି ।ପ୍ୟାନେଲରେ ରହିଥିବା ଆଉ ଜଣେ ସାମାଜିକ କର୍ମୀ ହେଲେ ସର୍ଦ୍ଦାର ସିଂହ ପଟେଲ । ସେ ମଧ୍ୟ ବିଜେପିର ଜଣେ ସଦସ୍ୟ । ତାଙ୍କ ନମ୍ବର ଗୋଧ୍ରାରେ ଥିବା ବିଜେପି ଅଫିସରୁ ମିଳିଛି । ପ୍ୟାନେଲରେ ଥିବା ଦୁଇ ବିଜେପି ବିଧାୟକ ହେଲେ ସିକେ ରାଉଲଜୀ ଓ ସୁମାବେନ ଚୌହାନ ।ରାଜନୀତିକ ବ୍ୟକ୍ତିବିଶେଷଙ୍କ ବ୍ୟତୀତ ପ୍ୟାନେଲରେ ଜେଲ ସୁପରିନଟେଣ୍ଡେଣ୍ଟ, ଜିଲ୍ଲା ପୁଲିସ୍ ? ସୁପରିନଟେଣ୍ଡେଣ୍ଟ, ଜିଲ୍ଲା ଜଜ, ଜିଲ୍ଲା ସାମାଜିକ କଲ୍ୟାଣ ବୋର୍ଡର ଜଣେ ଅଫିସର ଓ ପଞ୍ଚମହଲ ଜିଲ୍ଲା ମାଜିଷ୍ଟ୍ରେଟ ରହିଛନ୍ତି । ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନେତୃତ୍ୱରେ ପ୍ୟାନେଲ ଗଠନ ହୋଇଥିଲା ।ଜିଲ୍ଲା ମାଜିଷ୍ଟ୍ରେଟ ସୁଜଲ ମାୟାତ୍ର କହିଛନ୍ତି, ଏହି କମିଟି ଉକ୍ତ କେସ୍ ?(ବିଲକିସ ବାନୋ)ଙ୍କ ମାମଲାର ବିଚାର କରିବା ପାଇଁ ନିର୍ଦ୍ଦିଷ୍ଟ ଭାବେ ଗଠନ କରାଯାଇ ନଥିଲା । କାର୍ଯ୍ୟରତ ଜେଲ ପରାମର୍ଶଦାତା କମିଟି ହିଁ ଏପରି କ୍ଷମା ନୀତି ବା କ୍ଷମା ଆବେଦନ ଉପରେ ଚୂଡାନ୍ତ ବିଚାର କରିଥିଲା ବୋଲି ସେ କହିଛନ୍ତି ।କ'ଣ ସର୍ବସମ୍ମତିକ୍ରମେ ୧୧ ଦୁଷ୍କର୍ମକାରୀଙ୍କୁ ଜେଲରୁ ଖଲାସ କରିବାକୁ ମତ ଦିଆଯାଇଥିଲା ବୋଲି ପ୍ରଶ୍ନର ଉତ୍ତର ଜିଲ୍ଲା ମାଜିଷ୍ଟ୍ରେଟ ଦେଇ ନାହାନ୍ତି । କିନ୍ତୁ ଦୁଷ୍କର୍ମକାରୀ କେତେ ଦିନ ଜେଲରେ ରହିଛନ୍ତି, ଜେଲ ଭିତରେ ଓ ବାହାରେ ସେମାନଙ୍କ ବ୍ୟବହାରକୁ ଦୃଷ୍ଟିରେ ରଖି କ୍ଷମା ଆବେଦନକୁ ଅନୁମତି ଦିଆଯାଇଥିବା ସେ କହିଛନ୍ତି ।ଜିଲ୍ଲା ମାଜିଷ୍ଟ୍ରେଟ ସରକାରଙ୍କ ଭଳି ୧୯୯୨ କ୍ଷମା ନୀତି ଅନୁସାରେ ୧୧ ଦୁଷ୍କର୍ମକାରୀଙ୍କୁ ଖଲାସ କରିବାକୁ କୁହାଯାଇଥିଲା ବୋଲି କହିଛନ୍ତି ।

## ବଲାଙ୍ଗିର ହସ୍ପିଟାଲ ପରିସରରେ ମା ଆଗରେ ପୁଅକୁ ହତ୍ୟା ମାମଲା : ୪ ଗିରଫ

ବଲାଙ୍ଗିର, ୧୯।୮(ପି.ଏନ): ଆଜି ସ୍ଥାନୀୟ ଡିପିଓ ଅଫିସ୍ ଠାରେ ବଲାଙ୍ଗିର ଡାକ୍ତରଖାନା ପରିସରରେ ମା' ସମ୍ମୁଖରେ ପୁଅକୁ ହାଣିବା ଘଟଣାକୁ ନେଇ ବଲାଙ୍ଗିର ଏସ୍ପି ନିତିନ କୁଶଲକରଙ୍କ ଦ୍ୱାରା ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏସପି ସାମ୍ବାଦିକ ସମ୍ମିଳନୀରେ ଏ ଘଟଣାରେ ୪ ଜଣଙ୍କୁ ମୁନ୍ନା ଦୋରା, ରାହୁଲ ପାଣିଗ୍ରାହୀ, ସୋମ ପୁଞ୍ଜି ଓ ଚନ୍ଦ୍ର ପ୍ରଧାନଙ୍କୁ ଦଫା ୩୦୨,୩୦୭,୧୨୦(ବି)ରେ ଗିରଫ କରାଯାଇଥିବା ନେଇ ବଡ ଖୁଲାସା କରିଛନ୍ତି ।ଏସପି ନିତିନ କୁଶଲକର କହିଛନ୍ତି ଯେ, ଗତ ୧୬ ତାରିଖ ଦିନ ସକାଳୁ ହସ୍ପିଟାଲ କ୍ୟାମ୍ପସ ପରିସରରେ ଇଡ୍ଲି ବିକାଳି ତଥା ସୁଦ୍ଧପାର ଦୁଇଜଣ ମା' ପୁଅ ଆସୁଥିବା ବେଳେ ହସ୍ପିଟାଲ ପରିସର ସିକ୍ୟୁରିଟି ଅଫିସ ସମ୍ମୁଖରେ ହେଲମେଟ ପିନ୍ଧି ପୂର୍ବରୁ ଛପି ରହିଥିବା ଦୁଇ ଜଣ ଯୁବକ ଅର୍ଜୁନଙ୍କୁ ହାଣି ହତ୍ୟା କରିଥିବା ବେଳେ ଅର୍ଜୁନଙ୍କ ମା'ଙ୍କୁ ମଧ୍ୟ ଆକ୍ରମଣ କରିଥିଲେ ।

## ସ୍ମାର୍ଟ ସିଟି ପ୍ରଶାସନିକ ବିଲ୍ଡିଂ ଛାତ ଭୁଷୁଡିବା ଘଟଣା : ୧୫ ଦିନ ବିତିବାକୁ ବସିଛି, କାର୍ଯ୍ୟାନୁଷ୍ଠାନ ଶୂନ, ବିରୋଧୀ ନିରବ

ରାଉରକେଲା, ୧୯।୮(ପି.ଏନ): ରାଉରକେଲା ସ୍ମାର୍ଟ ସିଟି ଦ୍ୱାରା ନିର୍ମାଣ ହେଉଥିବା ପ୍ରଶାସନିକ ବିଲ୍ଡିଂ ଛାତ ଭୁଷୁଡିବାକୁ ୧୫ ଦିନ ବିତିବାକୁ ବସିଲାଣି, ହେଲେ କଣ ଲାଗି ଏ ଛାତ ଭୁଷୁଡିଲା,ଏଥିଲାଗି ଦାୟୀ କିଏ, କ୍ଷତିଭରଣା କରିବ କିଏ, କାହାର ଭୁଲ ଲାଗି ଏତେବଡ ଅଘଟଣ ଘଟିଲା ସେ ନେଇ ସ୍ମାର୍ଟ ସିଟି କର୍ତ୍ତୁପକ୍ଷ ନୀରବ ଥିବାବେଳେ ବିରୋଧୀ କଂଗ୍ରେସ ଓ ବିଜେପିର ଭୂମିକାକୁ ନେଇ ନାନା ପ୍ରଶ୍ନ ଉଠିଛି । ହଠାତ ଚଳିତ ମାସ ପ୍ରଥମ ସପ୍ତାହ ୬ ତାରିଖ ରାତିରେ ପାନପୋଷ ସରକାରୀ କଲେଜ ପାଖରେ ନିର୍ମାଣଧିନ ଏହି ବିଲ୍ଡିଂ ଛାତ ଭୁଷୁଡି ପଡିଲା ବୋଲି ଖବର ଆସିଲା । ସେଠାରେ ଲୋକଙ୍କର ଭିଡ ଜମିବା ସହ ମିଡିଆ ଭିଡ ମଧ୍ୟ ବଢିଲା, ହେଲେ କାହାକୁ ସେ ଭିତରକୁ ଯିବାକୁ ଦିଆଗଲାନି । କୁହାଗଲା ସେଂଟ୍ରିଂ ଭୁଷୁଡିଛି, କାହାର କିଛି କ୍ଷତି ହୋଇନି । କିନ୍ତୁ, ପରେ ଜଣାପଡିଲା ଯେ ୩ ହଜାର ବର୍ଗଫୁଟ ଅଂଚଳରେ ପଡିଥିବା ଛାତ ଭୁଷୁଡି ପଡିଛି ।ବିଭିନ୍ନ ଇଂଜିନିଅରଙ୍କ କହିବା ଅନୁଶାରେ, ଏଭଳି ଛାତ ଭୁଷୁଡିବା ଲାଗି ସଂସ୍ଥା ୧୫ରୁ ୨୦ ଲକ୍ଷ ଟଙ୍କା କ୍ଷତି ସହିବ । ତେବେ ଏହି ମାମଲାକୁ ନେଇ ବିଜେପି ତଦନ୍ତ ଦାବି କରିଦେଇ ନୀରବ ଥିବାବେଳେ ରାଉରକେଲା କଂଗ୍ରେସ ନୀରବ ଥିବାନେଇ ସହରରେ ବିରୋଧୀ ଦଳ ମାନଙ୍କ କାମକୁ ନେଇ ନାନା ପ୍ରକାର ଆଲୋଚନା ଆରମ୍ଭ ହୋଇଛି । ଏହି ବିଲ୍ଡିଂ ନିର୍ମାଣ ହେଲେ ସହରର ପ୍ରାୟ ସମସ୍ତ ସରକାରୀ ଅଫିସ ସେହି ଗୋଟିଏ ଯାଗାରେ ଚାଲିବ । ଲୋକେ ଏଥିରୁ ଅନେକ ଫାଇଦା ପାଇବେ, ସ୍ମାର୍ଟ ସିଟି ଦ୍ୱାରା ଏହି କାମ ଲାଗି ଡିଜାଇନ କରିବା ଲାଗି ଟାଟା କନସଲଟାନ୍ସିକୁ ଦାୟିତ୍ୱ ଦିଆଯାଇଥିବା ବେଳେ ୪ରୁ ୫ ଠିକାଦାର ଏହି କାମ କରୁଛନ୍ତି । ତେବେ ବରିଷ୍ଠ ଇଂଜିନିଅର ମାନଙ୍କର କହିବା କଥା, ବିଲ୍ଡିଂ କାମର ଡିଜାଇନ ଯଦି ଟିସିଏସ କରୁଛି ତେବେ କୋଠାର ଗୁରୁତ୍ୱପୂର୍ଣ୍ଣ କାମ ଛାତ ଲାଗି ହେଉଥିବା ସେଂଟ୍ରିଂ କାମର ଡିଜାଇନ ମଧ୍ୟ ଟିସିଏସ କରିବା କଥା, ନଚେତ କାମ କରୁଥିବା ଠିକା ସଂସ୍ଥା ସ୍ଥାନୀୟ ସ୍ତରରେ କୌଣସି କନସଲଟାନ୍ସି ଠାରୁ ଏହି ପ୍ଲାନ ଆଣି କାମ କରିବା କଥା । କିନ୍ତୁ, ତାହା କରାନଯାଇ ଠିକାଦାର ମାନେ ମିଳିମିଶି ସେଂଟ୍ରିଂ କରିଦେଇ ଛାତ ଢଳେଇ କରିଦେଲେ । ହେଲେ ନିମ୍ନ ମାନର କାମ ଯୋଗୁ ଛାତଟି ଭୁଷୁଡି ପଡିଲା । ବର୍ତ୍ତମାନ ପ୍ରଶ୍ନ ଉଠୁଛି ସ୍ମାର୍ଟ ସିଟିର ନିର୍ବାହୀ ଯନ୍ତ୍ରୀ ଓ ଅନ୍ୟ ଅଧିକାରୀ ମାନେ ଏତେ ସବୁ ଅନିୟମିତତା ବାବଦରେ ଜାଣିପାରିଲେନି କେମିତି ? ବର୍ତ୍ତମାନ ସ୍ମାର୍ଟ ସିଟିର ହୋଇଥିବା ୧୫ ରୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ କାହାଠାରୁ ଆଦାୟ କରାଯିବ ? କିନ୍ତୁ ବଡ ଆଶ୍ଚର୍ଯ୍ୟର ବିଷୟ ଯେ, ବର୍ତ୍ତମାନ ଯାଏ ଏହି ମାମଲାରେ ଦୋଷୀ କିଏ ତାହା ପଦାକୁ ଆସିଲା ନାହିଁ, ସରକାରଙ୍କ କାମରେ ପୋଲ ଭୁଷୁଡିଲେ ଠିକାଦାର ବନ୍ଧା ହେବା କଥା । ଭୁବନେଶ୍ୱରର ବିଭିନ୍ନ ଘଟଣାରୁ ସମସ୍ତେ ଜାଣିଥିବେ, ହେଲେ ଏଠି ସବୁ ନୀରବ । ଅବଶ୍ୟ ସ୍ଥାନୀୟ ବିଜେପି ମାମଲାକୁ ନେଇ ମୁହଁ ଖୋଲିଥିଲା, ଏହି ଅର୍ଥ କେନ୍ଦ୍ରରୁ ଆସିଛି ବିଜେପି ଏଥିଲାଗି ଅଧିକ ଖୋଳତାଡ କରିବା କଥା, କିନ୍ତୁ ଧର୍ମେନ୍ଦ୍ର ବାବୁ ରାଉରକେଲା ଆସି ଯିବା ପରେ ସମସ୍ତେ ନୀରବ । କଂଗ୍ରେସ ଦଳ ପକ୍ଷରୁ ବିଭିନ୍ନ ସମୟରେ ଅନେକ ଦାବି ବିକ୍ଷୋଭ ହେଉଛି ହେଲେ ଏହି ଘଟଣାକୁ ନେଇ ଦଳ ଆଜିଯାଏ ମୁହଁ ଖୋଲିନଥିବା ଆଲୋଚନା ଚାଲିଛି । ସ୍ମାର୍ଟ ସିଟିରେ ଚାଲିଥିବା ରାସ୍ତା ଠାରୁ ଘର କାମରେ ବିଭିନ୍ନ ସମୟରେ ନିମ୍ନମାନର କାମ ନେଇ ଅଭିଯୋଗ ମାନ ଆସିଛି, ତଦନ୍ତ ମଧ୍ୟ ହୋଇଛି ଯଦି ନିୟମିତ ଏମିତି ଚାଲେ ନିର୍ମାଣ ହେଉଥିବା ସ୍ମାର୍ଟ ସିଟିର କାମ ଗୁଡିକର ମାନ କଣ ସେ ନେଇ ସହର ବାସୀଙ୍କ ମନରେ ସନ୍ଦେହ ଉଠିଲାଣି । ତେଣୁ ରାଜ୍ୟ ଭିଜିଲାନ୍ସ ଏଠାରେ କାର୍ଯ୍ୟରତ ଅଧିକାରୀ, ଇଂଜିନିୟର ଓ ପ୍ରକଳ୍ପ ଗୁଡିକ ଉପରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଏସଓଜି ଓ ଡ଼ିଭିଏଫ ଯବାନଙ୍କ କମ୍ବିଂ ଅପରେସନ, ବିପୁଳ ମାଓ ସାମଗ୍ରୀ ଜବତ

କନ୍ଧମାଳ, ୧୯।୮(ପି.ଏନ): କନ୍ଧମାଳ ଏସପି ଭିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ଏସଓଜି ଓ ଡ଼ିଭିଏଫ ଯବାନ ମାନେ ଲଗାଣ ବର୍ଷା ସତ୍ତ୍ୱେ ଗତ ମଙ୍ଗଳବାର ଓ ବୁଧବାର ଦୁଇ ଦିନ ଗୋଛାପଡା ଥାନା ସୁମଙ୍ଗି ଗ୍ରାମ ନିକଟ ଜଙ୍ଗଲରେ କମ୍ବିଂ ଅପରେସନ କରିବା ସହ ମାଓବାଦୀ କ୍ୟାମ୍ପ ଉପରେ ଚଢ଼ଉ କରି ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରିଛନ୍ତି । ଏନେଇ ଆଜି କନ୍ଧମାଳ ଏସପି ଭିନୀତ ଅଗ୍ରୱାଲ ନିଜ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଜିଲ୍ଲାସ୍ତରୀୟ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଜବତ ସାମଗ୍ରୀ ମଧ୍ୟରେ ରହିଛି କିଛି ମାଓ ପୋଷାକ, ମେଡିସିନ, ଜିଲେଟିନ ଷ୍ଟିକ, ବିଦ୍ୟୁତ ତାର, ଜଗ କମଳ, ଜ୍ୟାକେଟ ,ସେଫଟି ଫିଉଜ, ସାବୁନ ତେଲ, ଲେଡ଼ିଜ ଇନର ଆଦି ୧୮ ପ୍ରକାର ସାମଗ୍ରୀମାନ ଥିବା ଏସପି ଭିନୀତ ଅଗ୍ରୱାଲ କହିଛନ୍ତି ।ସୂଚନାଯୋଗ୍ୟ ଯେ, ଗତ ମଇ ମାସ ୨୨ରେ ଛତିଶଗଡ଼ ବିଜେପୁର ଜିଲ୍ଲା ଅନ୍ତର୍ଗତ ?ାସା ଗୁଡାଥାନା ଅନ୍ତର୍ଗତ ଡ଼ାଲା ଗ୍ରାମର ଅଶୋକ ପୁନେ ନାମକ ଜଣେ ହାର୍ଡକୋର ମାଓବାଦୀ ଓ ଏରିଆ କମିଟି ସଦସ୍ୟ ଏସପି ଭିନୀତ ଅଗ୍ରୱାଲଙ୍କ ନିକଟରେ ଆତ୍ମସମର୍ପଣ କରିଥିଲା । କନ୍ଧମାଳ ଏସପି ବିନୀତ ଅଗ୍ରୱାଲଙ୍କ ରଣ କୌଶଳ, ଲଗାତାର କମ୍ବିଂ ଅପରେସନ ଯୋଗୁଁ ଜିଲ୍ଲାରେ ମାଓ ସଂଗଠନ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଥିବା ଜଣାପଡିଛି ।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟକ୍ଷ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନଷ୍ଟ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଳି ଭାବେ ତାଙ୍କର ଶେଷ କୃତଷ୍ଟ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତଷ୍ଟ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତଷ୍ଟ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି। କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ। ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍। ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ। ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍। ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍। କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍। ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ। କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ। ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍। ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ। ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ। ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। ।ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ର ନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବାନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପଚାର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## 'କଫି'ର ଚିତ୍ରକର ଅମିତା






ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୨, ଅଗଷ୍ଟ ୨୦

# ——ପୂଣ୍ୟ ପ୍ରଭାବ——



ସନାତନ ସଂସ୍କୃତିରେ ଋଷି ମୁନିମାନେ ହେଉଛନ୍ତି ସୃଷ୍ଟି ବିକାଶ ଓ ବିସ୍ତାରର ମୂଳ ଉତ୍ସ। ବ୍ରହ୍ମା ସୃଷ୍ଟି ସଂରଚନା ପାଇଁ ସପ୍ତ ଋଷିଙ୍କୁ ସୃଷ୍ଟି କରିବା ସହିତ ସେମାନଙ୍କ ଉପରେ ସୃଷ୍ଟି ବିସ୍ତାରର ଭାର ନ୍ୟସ୍ତ କରିଥିଲେ। ସେହିମାନେ ହେଉଛନ୍ତି ଆମ୍ଭମାନଙ୍କର ଆଦି ପୁରୁଷ। ତେଣୁ ସମସ୍ତ ଭାରତୀୟମାନେ କୌଣସି ନା କୌଣସି ଋଷିଙ୍କ ନାମ ବା ଗୋତ୍ର ଅନୁସାରେ ନାମିତ। ସେହି ମାନଙ୍କୁ ନେଇ ଆମ୍ଭମାନଙ୍କର ବଂଶ ପରିଚୟ। ସେମାନେ ସତ୍ୟ ଦ୍ରଷ୍ଟା ଏବଂ ମନ୍ତ୍ର ଦ୍ରଷ୍ଟା। ସେହି ମାନଙ୍କ ତପ ଓ ପୂଣ୍ୟ ପ୍ରଭାବରେ ସୃଷ୍ଟି ତିଷ୍ଠି ରହିଛି। ସନାତନ ଧର୍ମର ଶାଶ୍ୱତ ପ୍ରବାହ ସେମାନଙ୍କ ସାଧୁତା ପ୍ରଭାବରେ ଗଡ଼ି ଚାଲିଛି। ଏହି ମହାତ୍ମାମାନେ ଆମ୍ଭ ମାନଙ୍କର ପୂଜ୍ୟ ତଥା ଗର୍ବ ଏବଂ ଗୌରବ। ସେହିମାନଙ୍କୁ ଆମେ ସାଧୁ ବୋଲି କହିଥାଉ ଯେଉଁମାନେ ସର୍ବଦା ସମସ୍ତଙ୍କର ହିତ ସାଧନାରେ ରତ ଥାଆନ୍ତି। 'ସର୍ବ ଭୂତ ହିତ ରତଃ' – ଯିଏ ସର୍ବଦା ସର୍ବ ଭୂତଙ୍କ ହିତ କାମନା କରନ୍ତି ସେ ସାଧୁ। ସେହି ମାନଙ୍କ ଆଦର୍ଶ ଓ ନିର୍ଦ୍ଦେଶିତ ପଥରେ ଯେଉଁମାନେ ଯେତେ ଅନୁପ୍ରାଣୀତ ସେମାନେ ସେତିକି ସମାଜରେ ଆଦୃତ ଓ ମହାନ ହୋଇଛନ୍ତି। ସେହି ନ୍ୟାୟରେ ଆମର ପୂର୍ବଜ ପିତୃ ପୁରୁଷ, ଗୁରୁ ଗୁରୁଜନ ଓ ଆଦର୍ଶ ସ୍ଥାନୀୟ ବ୍ୟକ୍ତି ମାନଙ୍କୁ ଆମେ ସାଧୁ ମହାତ୍ମା କହି ସମ୍ମାନ କରିଥାଉ। ସେହି ମାନଙ୍କର ଉପସ୍ଥିତି, ଆଶୀର୍ବାଦ ଓ ପୂଣ୍ୟ ପ୍ରଭାବରେ ଆମ୍ଭମାନଙ୍କର ଜୀବନ ସରସ, ସୁନ୍ଦର, ସୁଗମ ହୋଇଥାଏ। ଏହି ପୂଣ୍ୟଶାଳୀ ସାଧୁ ସନ୍ଥମାନେ ହେଉଛନ୍ତି ଏ ଧରଣୀର ଆଶୀର୍ବାଦ। ସେମାନଙ୍କ ପୂଣ୍ୟ ପ୍ରଭାବ ଏ ଧରଣୀକୁ ଧାରଣ କରି ରଖିଛି। ସନାତନ ଧର୍ମଧାରାରେ ଏମାନେ ସର୍ବମାନ୍ୟ ଅଟନ୍ତି। ପିତାମାତା ଗୁରୁ ହେଉଛନ୍ତି ସନ୍ତାନ ପାଇଁ ରକ୍ଷା କବଚ। ଗୁରୁ ମଧ୍ୟ ପିତା ପ୍ରତିମ ଅଟନ୍ତି। କଥାରେ ଅଛି ପିତା ଥିବା ପୁତ୍ର ସଭାରେ ହାରେ ନାହିଁ। ପିତାମାତା ବଞ୍ଚିଥିଲେ ସନ୍ତାନ ଉପରେ ଗ୍ରହ ମାନଙ୍କ କୁପ୍ରଭାବ ପିଡ଼ା ମଧ୍ୟ ଊଣା ହୋଇଥାଏ ବୋଲି କୁହାଯାଇଛି। ସନ୍ଥ ତୁଳସୀ ଦାସ ତାଙ୍କ ପ୍ରସିଦ୍ଧ ଶ୍ରୀରାମଚରିତ ମାନସ ଗ୍ରନ୍ଥରେ ଶ୍ରୀରାମଙ୍କ ମୁଖରେ ପ୍ରକାଶ କରିଛନ୍ତି 'ମାଥେ ପର ଗୁରୁ ମୁନିମିଥିଲେସ। ତୁହା ହି ଦମାହି ସପନେଇ ନ କଲେସ'। ଆମ ମଥା ଉପରେ ଗୁରୁ ଏବଂ ମିଥିଳାଧିପତିଙ୍କ ଆଶୀର୍ବାଦ ଥିବାରୁ ସ୍ୱପ୍ନରେ ସୁଧା ଆମର କିଛି ବିପଦ ନାହିଁ। ପୂଣ୍ୟଶାଳୀ ବ୍ୟକ୍ତିଙ୍କ ଉପସ୍ଥିତି, ଆଶୀର୍ବାଦ ଓ ମାର୍ଗଦର୍ଶନ କଲ୍ୟାଣକାରୀ ଅଟେ। ସେଥିପାଇଁ ସମସ୍ତ ଶୁଭାଶୁଭ କାର୍ଯ୍ୟରେ ଆମେ ପୂଜ୍ୟ ବ୍ୟକ୍ତିମାନଙ୍କର ଆଶୀର୍ବାଦ ନେଇଥାଉ। ଯଦି ଆମ ଘରେ କିମ୍ବା ଆଖପାଖରେ କେହି ପୂଣ୍ୟଶାଳୀ ବ୍ୟକ୍ତି ରହୁଥାନ୍ତି ତେବେ ତାଙ୍କ ପୂଣ୍ୟ ପ୍ରଭାବରେ ଆମ ପାଖକୁ ବିପଦ ଆସିପାରିବ ନାହିଁ। ଏହା ସନାତନ ସିଦ୍ଧାନ୍ତ ଅଟେ। ଯେଉଁ ପର୍ଯ୍ୟନ୍ତ ଲଙ୍କାପୁରରେ ପୂଣ୍ୟାତ୍ମା ବିଭୀଷଣ ଥିଲେ ସେ ପର୍ଯ୍ୟନ୍ତ ଲଙ୍କାରେ କିଛି ବିପଦ ନଥିଲା। ଯେବେ ରାବଣ ଲଙ୍କାପୁରରୁ ବିଭୀଷଣଙ୍କୁ ବିତାଡ଼ିତ କରିଦେଲା ସେବେଠାରୁ ଲଙ୍କାରେ ବିପଦ ମାଡ଼ି ଆସିଲା। ସ୍ୱର୍ଣ୍ଣମୟୀ ଲଙ୍କା ଛାରଖାର ହୋଇଗଲା। ଠିକ ସେହିଭଳି ଯେତେ ଦିନ ଯାଏ ମହାତ୍ମା ବିଦୁର ହସ୍ତିନାରେ ଥିଲେ ସେତେ ଦିନ ଯାଏ ହସ୍ତିନା ସମେତ କୁରୁକୁଳ ସର୍ବ ବିପଦରୁ ମୁକ୍ତ ଥିଲେ। ଯେଉଁ ଦିନ ହସ୍ତିନାରୁ ମହାତ୍ମା ବିଦୁରଙ୍କୁ ଅପମାନିତ କରି ତଡ଼ି ଦିଆଗଲା ସେବେଠାରୁ କୁରୁବଂଶ ପତନ ଆଡ଼କୁ ଧାବିତ ହେଲା। ଏପରି ହେଲା କୁରୁ ବଂଶରେ ଶୋକ କରିବା ପାଇଁ ମଧ୍ୟ କେହି ରହିଲେ ନାହିଁ। ରାଜପଣ ଗଲା, ବଂଶଧ୍ୱଂସ ହୋଇଗଲା। କୁକର୍ମ ପ୍ରଭାବରେ ପାପ ବଢ଼ିଯାଏ, ଯାହାଫଳରେ ଗୁରୁ ଗୁରୁଜନଙ୍କ ଆଶୀର୍ବାଦ ରୂପକ ରକ୍ଷା କବଚ ମଥା ଉପରୁ ହଟିଯାଏ। ସବୁବେଳେ ଗୁରୁ ଗୁରୁଜନଙ୍କ ଆଶୀର୍ବାଦ ଜୀବନରେ ସଫଳତା ଓ ସୁଖ ଶାନ୍ତି ପାଇଁ ଆବଶ୍ୟକ। ସେଥିପାଇଁ କୁହାଯାଇଛି ସକାଳୁ ଉଠି ପ୍ରଥମେ ଗୁରୁ ଗୁରୁଜନ ମାନଙ୍କୁ ପ୍ରଣାମ କରିବ। ଆଶୀର୍ବାଦ ନେବ। ଭଗବାନ ଶ୍ରୀରାମଚନ୍ଦ୍ର ମଧ୍ୟ ପ୍ରାତଃ କାଳରୁ ଶଯ୍ୟା ତ୍ୟାଗ କରି ପ୍ରଥମେ ମାତା ପିତା ଗୁରୁଜନ ମାନଙ୍କୁ ପ୍ରଣାମ କରୁଥିଲେ। ଶ୍ରୀରାମ ଚରିତ ମାନସରେ ସନ୍ଥ ତୁଳସୀ ଦାସ ଲେଖିଛନ୍ତି-'ପ୍ରାତକାଳ ଉଠି କେ ରଘୁନାଥ। ମାତୃ ପିତା ଗୁରୁ ନା ବହି ମାଥା।' ବାଲକାଣ୍ଡ-୨୦୫ ଦୋହା ପୂଣ୍ୟଶାଳୀ ବ୍ୟକ୍ତିଙ୍କ ଉପସ୍ଥିତି ଅଶେଷ କଲ୍ୟାଣକାରୀ। ସେମାନଙ୍କ ପୂଣ୍ୟ ପ୍ରଭାବ ଆମ୍ଭମାନଙ୍କର ରକ୍ଷା କବଚ। ଏହି ସଂସାର ହେଉଛି ଈଶ୍ୱରଙ୍କର। ଆମେ ସମସ୍ତେ ତାଙ୍କର ଅଂଶବିଶେଷ। ଏହି ସାରା ବସୁଧା ଆମର 'ମା'। ଆମେ ସମସ୍ତେ ତାର ସନ୍ତାନ। ତେଣୁ ବିଭେଦ ନକରି ପ୍ରେମର ସହିତ ସହମତିରେ ବଞ୍ଚିବା ଉଚିତ। କେବେ କାହାର ଅମଙ୍ଗଳ ଚିନ୍ତା କରିବା ନାହିଁ। କାହାର କ୍ଷତି କରିବା ନାହିଁ। କାହାକୁ ଅପମାନିତ କରିବା ନାହିଁ। କାରଣ ଅପମାନର କ୍ଷତ ଭରିବା ଭାରି କଷ୍ଟ। ଥଟା ମଜାରେ ହେଉ ଅଥବା ଅସୂୟା ବସତ ହେଉ ଅପମାନ ଜନକ ବାଣୀ ବହୁ ସମୟରେ ପରମାଣୁ ବୋମାଠାରୁ ମଧ୍ୟ ଭୟଙ୍କର ହୋଇଥାଏ। ଅପମାନ ଜନକ କଟୁକଥା ବେଳେ ବେଳେ ମହା ବିନାଶକୁ ଆମନ୍ତ୍ରଣ କରିଥାଏ। ମହାପ୍ରଳୟର କାରଣ ହୋଇଥାଏ। ଶାସ୍ତ୍ର ପୁରାଣ ଇତିହାସରେ ଏହାର ଅନେକ ଉଦାହରଣ ରହିଛି। ଆମ ମୁନିଋଷିମାନେ କଠୋର ତପସ୍ୟା ଦ୍ୱାରା ଯେଉଁ ସତ୍ୟ ଦର୍ଶନ କରିଥିଲେ, ସେମାନଙ୍କର ସେହି ଅମୂଲ୍ୟ ଅନୁଭବ ସବୁକୁ ଆମ୍ଭମାନଙ୍କ ପାଇଁ ଆପଣା ସାହିତ୍ୟରେ ସାଇତି ରଖିଛନ୍ତି। ସେମାନେ କହିଛନ୍ତି ଏ ସଂସାରରେ ତିନିଗୋଟି ବସ୍ତୁ ଦୁର୍ଲଭ। ସେ ସବୁ ହେଲେ ମାନବ ଶରୀର ପ୍ରାପ୍ତ ହେବା, ଏହି ଶରୀରରେ ମୁକ୍ତି ପାଇବାର ଇଚ୍ଛା ଜାଗ୍ରତ ହେବା ଓ ମହାପୁରୁଷ ମାନଙ୍କ ସତସଙ୍ଗ ପ୍ରାପ୍ତ ହେବା। ଏହି ତିନିଗୋଟି ଦୁର୍ଲଭ ବସ୍ତୁ ଈଶ୍ୱରଙ୍କ କୃପାରୁ ପ୍ରାପ୍ତ ହୋଇଥାଏ। ଆମର ପରମ ସୌଭାଗ୍ୟ ଯେ ଆମକୁ ପୂଣ୍ୟଭୂମି ଭାରତ ବର୍ଷରେ ମାନବ ଜନ୍ମ ପ୍ରାପ୍ତ ହୋଇଛି। ଏହି ଦେଶ ସାଧୁ ସନ୍ଥମାନଙ୍କର ଦେଶ। ଦେବୀ ଦେବତାଙ୍କ ଦେଶ, ପିତା, ମାତା ଏଠି ପ୍ରଥମ ଦେବତା। ବେଦ ବେଦାନ୍ତ, ପୁରାଣଶାସ୍ତ୍ର ଆଦି ଅମୂଲ୍ୟ ଗ୍ରନ୍ଥ ସବୁ ସତସଙ୍ଗ ଓ ସ୍ୱାଧ୍ୟାୟ ପାଇଁ ଉପଲବ୍ଧ ଅଛନ୍ତି। ଏମାନେ ସମସ୍ତେ ଆମକୁ ସର୍ବଦା ଆତ୍ମ କଲ୍ୟାଣର ମାର୍ଗ ନିର୍ଦ୍ଦେଶ କରୁଛନ୍ତି। ମୁକ୍ତି ହେଉଛି ଶ୍ରେଷ୍ଠ ପୁରୁଷାର୍ଥ। ଦୁଃଖରୁ ମୁକ୍ତି ଓ ସୁଖାନନ୍ଦରେ ନିତ୍ୟ ନିବାସ ପ୍ରତ୍ୟେକ ଜୀବନର ଲକ୍ଷ୍ୟ। ଜୀବନର ଏହି ମହତ ମୂଲ୍ୟବୋଧକୁ ହୃଦୟଙ୍ଗମ କରିବା ଦରକାର। ସାଧୁସନ୍ଥ ମହାତ୍ମା ମାନଙ୍କର ସାନିଧ୍ୟ, ସତସଙ୍ଗ, ସତ ଶାସ୍ତ୍ର, ସ୍ୱାଧ୍ୟାୟ, ଗୁରୁ ଗୁରୁଜନ ସେବା ଓ ପ୍ରେମ ଭକ୍ତି ଦ୍ୱାରା ଆତ୍ମ କଲ୍ୟାଣ ସମ୍ଭବ ହୋଇପାରିବ। ଶାସ୍ତ୍ର କହୁଛନ୍ତି ଉଠ, ଜାଗ୍ରତ ହୁଅ, ଆପଣା ଜୀନର ଲକ୍ଷ୍ୟରେ ଉପନୀତ ହୁଅ। ସର୍ବତ୍ର ଅମୃତର ଅନୁଭବ କର। ସାରା ସୃଷ୍ଟି ଧୀରେ ଧୀରେ ଅମୃତମୟ ହୋଇଉଠିବ। ଏହା ହେବ ପୂଣ୍ୟ ପ୍ରଭାବର ପ୍ରକୃଷ୍ଟ ପରିପ୍ରକାଶ।

**ହେମନ୍ତ କୁମାର ପରିଡ଼ା**, ମାଳତୀ କୁଞ୍ଜ, ପ୍ଲଟ ନଂ-୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ: ୮୯୧୭୬୭୮୧୫୯/୮୭୬୩୧୦୭୧୨୬

# ୫-ଟି (ପଞ୍ଚସୂତ୍ରୀ ଯୋଜନା)

***ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଓଡିଶାକୁ ଏକ ଅବଦାନ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ! ମନର କଥାକୁ କହିବା ପୂର୍ବରୁ କାର୍ଯ୍ୟରେ ଲଗାଇବା ଭଳି ଏକ ବାସ୍ତବ ପରିକଳ୍ପନା ! କିନ୍ତୁ ତାହାର ସଦୁପଯୋଗ ଆବଶ୍ୟକତା ଅନୁଭବ ଏକ ଗର୍ହିତ ବିଷୟ, ଯାହା ସେ ବିଚାରକୁ ନିଅନ୍ତୁ !!***

## Team work, Technology, Transparency, Transformation and Time limit.

ଓଡିଶା ସରକାର ତଥା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ୫-ଟି ଯୋଜନା ଅନ୍ତର୍ଗତ ପାଞ୍ଚୋଟି ବିଷୟ ଆଧାରିତ ଯେଉଁସବୁ ଭବିଷ୍ୟଦ୍ରଷ୍ଟା ଯୋଜନା ରହିଛି ସେଗୁଡିକୁ ଉପଯୁକ୍ତ ପଥରେ ପରିଚାଳିତ କରାଗଲେ ହୁଏତ କିଛି ସାମାଜିକ ପରିବର୍ତ୍ତନ ସମ୍ଭବ ହୋଇପାରେ । କିନ୍ତୁ ସମ୍ପୃକ୍ତ ବିଭାଗ ସେଗୁଡିକ ପ୍ରତି ସମ୍ପୂର୍ଣ୍ଣ ସଚେତନ ରହିବା ସହିତ ସେହି ଯୋଜନାଗୁଡିକର ପ୍ରକୃତ ଲକ୍ଷ୍ୟ ସାଧନ ଦିଗରେ ଚେଷ୍ଟିତ ହେଲେ କିଛି ଆଖିଦୃଶିଆ ସାମାଜିକ ପରିବର୍ତ୍ତନ ଆଶା କରାଯାଇପାରିବ । ପାଞ୍ଚୋଟି ଯୋଜନାକୁ କେମିତି ବ୍ୟବହାର କରାଗଲେ ତାହାର ଲକ୍ଷ୍ୟ ସାଧନ ହୋଇପାରିବ ବିଚାରକୁ ନେଇ ଦେଖିବା ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ବିଭିନ୍ନ ମହଲରୁ ସହଯୋଗ କରାଗଲେ ସମୃଦ୍ଧ ଓଡିଶା ଗଠନ କରିବାରେ ଆମେ ସମର୍ଥ ହୋଇପାରିବା ବୋଲି ଆମ ବିଚାର । ସରକାରୀ କଳର ସମସ୍ତ ଉଚ୍ଚାସୀନ ସଦସ୍ୟ ନିଜ ନିଜ ବିଭାଗଗୁଡିକରେ ରହିଥିବା ଅଭାବନିୟତାଗୁଡିକ ସମ୍ପୃକ୍ତ ବିଭାଗୀୟ ମୁଖ୍ୟଙ୍କ ଦୃଷ୍ଟିଆକର୍ଷଣ ପୂର୍ବକ ସ୍ୱତଃପ୍ରବୃତ ଭାବେ ସେଗୁଡିକର ସଂଶୋଧନ ପାଇଁ ଅନୁମୋଦନ ଗ୍ରହଣ କଲେ ବିଭିନ୍ନ ବିଭାଗରେ ରହିଥିବା ଅଭାବନିୟତା ଗୁଡିକ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ପରିମାର୍ଜିତ ହୋଇ ନୂତନ ଓଡିଶା ଗଠନ ହେବା ଦିଗରେ ସହାୟକ ହୋଇପାରିବ । କିନ୍ତୁ କେବଳ ୫-ଟି ବିଭାଗ ନିଜେ ଅନୁଧ୍ୟାନ, ଅନୁସନ୍ଧାନ କରି ସଂସ୍କାର କରିବା ପାଇଁ ଚେଷ୍ଟା କରିବା ଦ୍ୱାରା ହୁଏତ ସଫଳତା ଅନେକ ଦୂର ହୋଇପାରେ । ବିଭିନ୍ନ ବିଭାଗରେ ରହିଥିବା ଅପରିମାର୍ଜିତ ତଥା କଳୁଷିତ ନିୟମଗୁଡିକର ପୁନଃ ସଂସ୍କାର ପାଇଁ ସମ୍ପୃକ୍ତ ବିଭାଗୀୟ ମୁଖ୍ୟମାନେ ତତ୍ପରତା ପ୍ରଦର୍ଶନ କରି ଏହି ୫-ଟି ବିଭାଗର ଦୃଷ୍ଟିଆକର୍ଷଣ କରିବା ବାଞ୍ଛନୀୟ । ତା'ହେଲେ ହୁଏତ କେତେକ କ୍ଷେତ୍ରରେ ସଂସ୍କାର ଆସିପାରେ । ନତୁବା ୫-ଟି କେବଳ ଏକ ପୋଥିଗତ ବିଦ୍ୟା ଭଳି ରହିବା ଛଡା ଏହାର ସଫଳତା ଅତ୍ୟନ୍ତ କ୍ଷୀଣ ହୋଇପାରେ । ଏହାସହିତ ସାମାଜିକ କ୍ଷେତ୍ରରୁ ଆସୁଥିବା ଅଭିଯୋଗ ତଥା ଉପଦେଶାତ୍ମକ ପତ୍ରଗୁଡିକୁ ଏହି ବିଭାଗ ଯତ୍ନର ସହିତ କାର୍ଯ୍ୟକ୍ଷମ କରିବା ବିଧେୟ । ବର୍ତ୍ତମାନ କେତେକ ଦୁର୍ବଳ ନିୟମ ତଥା ସେଗୁଡିକର ପରିବର୍ତ୍ତନର ଆବଶ୍ୟକତା ଉପରେ ବିଚାର କରି ୫-ଟି ବିଭାଗର ଦୃଷ୍ଟିଆକର୍ଷଣ ପୂର୍ବକ ତୁରନ୍ତ ପଦକ୍ଷେପ ପାଇଁ ଅନୁରୋଧ କରାଯିବା ବିଷୟଗୁଡିକ ଏହା ଯେ...

**Team work-** ଏକ ମାନବୀୟ ବିଚାରଧାରାରୁ ନିର୍ଗତ ମତାମତ ଏହା କି- ତଳୁ ଉପର ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଥିବାବେଳେ ସାମ୍ବିଧାନିକ ନିୟମ ଅନୁଯାୟୀ ନିମ୍ନସ୍ଥ କର୍ମଚାରୀଙ୍କ ଉପରେ ଉପରିସ୍ଥ କର୍ମଚାରୀଙ୍କ କିଛି କର୍ତ୍ତୃତ୍ୱ ରହିଥାଏ । କିନ୍ତୁ ଉପରିସ୍ଥ ଅଧିକାରୀ ନିମ୍ନସ୍ଥ ଅଧିକାରୀଙ୍କୁ ନିଜର ତଳିଆ ମଣିଷ ଭାବେ ବିଚାର କରି ଦମନ କରିବା କୌଣସିମତେ ମାନବିକ କିମ୍ବା ସାମ୍ବିଧାନିକ ବିଚାର ନୁହେଁ । ସମସ୍ତେ ସମନ୍ୱୟ ରକ୍ଷାକରି ଏକ ମନ ଏକ ପ୍ରାଣ ହୋଇ କାର୍ଯ୍ୟ କଲେ team work ସଫଳ ହୋଇପାରିବ । ତେଣୁ ରାଜ୍ୟ ସରକାର ସମସ୍ତ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଭ୍ରାତୃଭାବ ସୃଷ୍ଟି କରି ଆଗ୍ରହର ସହିତ ସରକାରୀ କାର୍ଯ୍ୟ କରିବା ପାଇଁ ପ୍ରବର୍ତ୍ତାଇବା ବାଞ୍ଛନୀୟ । ତା'ହେଲେ କେବଳ team work ସଫଳ ରୂପାୟନ ହେବ । ନତୁବା ସେହି ବ୍ରିଟିଶ ଶାସନ ଭଳି ଉଚ୍ଚସ୍ଥ କର୍ମଚାରୀଙ୍କ ନିମ୍ନସ୍ଥ କର୍ମଚାରୀଙ୍କ ଉପରେ ପ୍ରକୋପ ଜାରି ରହିଲେ team work ଦେଖାଣିଆ ଭାବେ ଚାଲିଲେ ମଧ୍ୟ ନିଶ୍ଚିତ ସଫଳ ହେବା ସମ୍ଭାବନା କ୍ଷୀଣ । ତେଣୁ ସମସ୍ତ କର୍ମଚାରୀଙ୍କୁ ଉପଯୁକ୍ତ ତାଲିମ ଦିଆଯାଇ ସେମାନଙ୍କ ମଧ୍ୟରେ ଆନନ୍ଦିତ ବାତାବରଣ ସୃଷ୍ଟିକରି କାର୍ଯ୍ୟ ହାସଲ କରାଯିବା ଲକ୍ଷ୍ୟ ରଖନ୍ତୁ ସରକାର ।



**Technology-** ଅଦ୍ୟାବଧି ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡିକରେ ଯାହାସବୁ ନୂତନ Technology ବ୍ୟବହାର ହେଉଛି କିମ୍ବା ତ୍ୱରାନ୍ୱିତ ଅବସ୍ଥାରେ ରହିଛି ତାହା ନିଶ୍ଚିତ ଭାବେ ପୂର୍ବାପେକ୍ଷା ଯଥେଷ୍ଟ ଅଧିକ । ଅନେକ କ୍ଷେତ୍ରରେ ଦେଖିବାକୁ ମିଳୁଛି ଯେ ଯେଉଁସବୁ ପୁରୁଣା କର୍ମଚାରୀ ଆଜିର ଏହି ଅତ୍ୟାଧୁନିକ କୌଶଳ ବ୍ୟବହାର କରିବାରେ ଅକ୍ଷମ ରହୁଛନ୍ତି, ସେମାନେ କୌଣସିମତେ ଅନ୍ୟ କାହାପାଖରେ ବୁଝିସୁଝି କିଛି କିଛି କାର୍ଯ୍ୟ ତୁଲାଉଛନ୍ତି । କିନ୍ତୁ ଆଜିର ନୂତନ ପିଢ଼ି ସେହି ଅତ୍ୟାଧୁନିକ କୌଶଳଗୁଡିକ ଉପରେ ପାରଙ୍ଗମ ରହିଥବା ହେତୁ କେତେକ କାର୍ଯ୍ୟ ସୁରୁଖୁରୁରେ ହୋଇପାରୁଛି । ଅଧିକନ୍ତୁ ରାଜ୍ୟ ସରକାର ବିଭିନ୍ନ କ୍ଷେତ୍ରରେ ନିୟୋଜିତ କରିଥିବା କାରିଗରୀ ସହାୟକମାନେ ସାଧାରଣ କ୍ଷେତ୍ର ତଥା ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ନିୟୋଜିତ ଅଜ୍ଞ କର୍ମଚାରୀଙ୍କୁ ସହାୟତା ଯୋଗାଇଦେବା ସହିତ କାହାର କୌଣସି ଅସୁବିଧା ହେଲେ ସେମାନେ ସହଯୋଗ କରି କାର୍ଯ୍ୟ ସମ୍ପନ୍ନ କରିବା ଲକ୍ଷ୍ୟ ରଖିଛନ୍ତି । ସେହି ଯାନ୍ତ୍ରିକ କୌଶଳ ପାରଙ୍ଗମ ବ୍ୟକ୍ତିଗୁଡିକ ବାସ୍ତବିକ ସବୁ ସରକାରୀ କାର୍ଯ୍ୟାଳୟର କର୍ମଚାରୀଙ୍କ ସହିତ ଉପଯୁକ୍ତ ଆଦାନପ୍ରଦାନ କରୁଛନ୍ତି କି ନାହିଁ ସମୀକ୍ଷା କରାଯିବା ନିତାନ୍ତ ବିଧେୟ । ଅନେକ କ୍ଷେତ୍ରରେ ସେହି ନିୟୋଜିତ technician ରାଜ୍ୟର ସରକାରୀ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ଜ୍ଞାନ ପ୍ରଦାନ ନକରି କିଛି ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରୁଥାଇପାରନ୍ତି । ତେଣୁ କାର୍ଯ୍ୟାଳୟ-ଗୁଡିକର କାର୍ଯ୍ୟରେ ଶିଥିଳତା ରହୁଥିବା ଅନୁମାନ କରିହେଉଛି । ତେଣୁ ସରକାର ସମସ୍ତ 'technical expert'ମାନଙ୍କୁ ମଧ୍ୟ ଉପଯୁକ୍ତ ତାଲିମ ଦେବା ତଥା ସେମାନଙ୍କ କାର୍ଯ୍ୟରେ ସ୍ୱଚ୍ଛତା ପ୍ରତି ସଜାଗ ରହିବା ଅତ୍ୟନ୍ତ ଆବଶ୍ୟକ । ତାହାହେଲେ ହୁଏତ ଆମେ ଅତିଶୀଘ୍ର ଆଗକୁ ବଢି ପାରିବା । ଅନ୍ୟଥା ସ୍ୱପ୍ନ ସାକାର ହେବା ବହୁତ ଦୂର ହୋଇପାରେ ।

**Transparency-**ରାଜ୍ୟ ସରକାରୀ କାର୍ଯ୍ୟାଳୟ ଗୁଡିକର କାର୍ଯ୍ୟକଳାପ ସ୍ୱଚ୍ଛ ରହିବା ସହିତ ଜନଅଭିଯୋଗ ପ୍ରତି ବିଭାଗୀୟ ମୁଖ୍ୟଙ୍କଠାରୁ ଆରମ୍ଭ କରି ଉପରିସ୍ଥ ଅଧିକାରୀ ତଥା ରାଜ୍ୟ ସରକାର ଅତ୍ୟନ୍ତ ସ୍ୱଚ୍ଛତା ଭାବ ପ୍ରଦର୍ଶନ କରିବା ଏକାନ୍ତ ବାଞ୍ଛନୀୟ । ଅନେକ ସମୟରେ ଦେଖିବାକୁ ମିଳୁଛି ଯେ ବିଭିନ୍ନ ବିଭାଗର କାର୍ଯ୍ୟଶୈଳୀରେ କିଛି ହାତଗୁଞ୍ଜା ନେଇ ବହୁତ ଅକର୍ତ୍ତବ୍ୟ କରିବାକୁ ପଛାଇ ନଥା'ନ୍ତି କର୍ମଚାରୀ ତଥା ଅଧିକାରୀ । ସେଗୁଡିକ ସାର୍ବଜନୀନ ହେଉନଥିବା ବେଳେ ସରକାରୀ ଧରପଗଡ଼ର ଅଭାବରୁ ନିଶ୍ଚିନ୍ତରେ ଅନେକ କେଳେଙ୍କାରୀ କରିଚାଲିଛନ୍ତି ବିଭିନ୍ନ କାର୍ଯ୍ୟାଳୟ । ସେମାନଙ୍କ କୌଣସି କାର୍ଯ୍ୟର ସ୍ୱଚ୍ଛତା ନାହିଁ କିମ୍ବା ଜନଅଭିଯୋଗ ପ୍ରତି ନିଘା ନାହିଁ କାହାର । ତେଣୁ ସାଧାରଣ ଲୋକେ ମଧ୍ୟ ସବୁ ଜାଣିବୁଝି ନୀରବଦ୍ରଷ୍ଟା ପାଲଟିଛନ୍ତି । ଏହି ପରିପ୍ରେକ୍ଷୀରେ ୫-ଟି ବିଭାଗ ଜନସାଧାରଣଙ୍କଠାରୁ ଉପଦେଶାତ୍ମକ ତଥା ଅଭିଯୋଗ ସମୂହକୁ ଆହ୍ୱାନ କରି ତାହା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲକ୍ଷ୍ୟ ରଖିଲେ ଆମର ଏହି ଯୋଜନାର ସଫଳ ରୂପାୟନ ହୋଇପାରିବ ବୋଲି ଆମର ବିଚାର ।

**Transformation-** ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ବିଦ୍ୟାଳୟ ତଥା କେତେକ ଅନ୍ୟାନ୍ୟ କାର୍ଯ୍ୟାଳୟଗୁଡିକର ପରିବର୍ତ୍ତନ ସର୍ବଜନଦ୍ରଷ୍ଟା । କିନ୍ତୁ ସେଗୁଡିକୁ କେବଳ ଉପର ପରିମାର୍ଜିତ ତଥା ଲୋକଦୃଷ୍ଟିରେ ପରିବର୍ତ୍ତନ କରାଗଲେ ଅଭ୍ୟନ୍ତର କେଳେଙ୍କାରୀଗୁଡିକ ସେହି ପରିବର୍ତ୍ତିତ, ପରିମାର୍ଜିତ ଚେହେରାଗୁଡିକୁ ପୁନଃ କଳୁଷିତ କରିବାରେ ଯଥେଷ୍ଟ ଉପାଦେୟ ହୋଇପାରନ୍ତି ବୋଲି ବିଚାର କରନ୍ତୁ ସରକାର । ନହେଲେ ଆମର ସବୁ ଚେଷ୍ଟା ବ୍ୟର୍ଥ ହୋଇ ଯାଇପାରେ । ସରକାରୀକଳରେ ଗୋଟିଏ ସ୍ଥାନରେ ଅଧିକ ଦିନ କାର୍ଯ୍ୟ କରିବାର ସୁଯୋଗ ମଣିଷକୁ କଳୁଷିତ କରିବା ସହିତ ବ୍ୟାପକ କ୍ଷତିକାରକ କାରଣରୁ ବଦଳି ବ୍ୟବସ୍ଥା କରାଯାଇଥାଏ । ରାଜ୍ୟର ପ୍ରାୟତଃ ସମସ୍ତ ବିଦ୍ୟାଳୟଗୁଡିକରେ ଶିକ୍ଷକ ମାନେ ଦଶନ୍ଧି ଦଶନ୍ଧି ଧରି ରହି ମନମୁଖୀ କାର୍ଯ୍ୟ କରୁଥିବା କୌଣସି ଲୁଚଛପା କଥା ନୁହେଁ । ବିଭିନ୍ନ ଉପାୟ ଅବଲମ୍ବନ କରି କେତେବେଳେ ରାଜନୈତିକ ଚାପ ତ କେତେବେଳେ ଲାଞ୍ଚ ଦେଇ ହେଉ କିମ୍ବା ଉଚ୍ଚ ଅଧିକାରୀଙ୍କ ସହିତ ମଧୁଚନ୍ଦ୍ରିକା ସୃଷ୍ଟି କରି ପ୍ରାୟତଃ ସମସ୍ତ ଅଧିକାରୀ, ଶିକ୍ଷକ ନିଜ ଘର ପାଖରେ ରହି ବିଦ୍ୟାଳୟଗୁଡିକରେ ପାଠପଢା କମ୍ ରାଜନୀତି ଅଧିକ ଚଳାଇ ଆସୁଥିବା କଥା କାହାକୁ ଅଗୋଚର???!! ଉପଯୁକ୍ତ ଅନୁସନ୍ଧାନ କଲେ ଜାଣିହେବ ଯେ ପ୍ରାୟତଃ ଶିକ୍ଷକ, ଶିକ୍ଷୟିତ୍ରୀମାନେ କେବଳ ବିଦ୍ୟାଳୟକୁ ବାଧ ବାଧକତାର ସହିତ ଯାଇ ପାଠପଢା ପ୍ରତି କୌଣସି ଆଗ୍ରହ ନରଖି କେବଳ ମାସିକ ବେତନ ଓ ଅନ୍ୟାନ୍ୟ ସରକାରୀ ସୁବିଧାଗୁଡିକ ଉପରେ ଚର୍ଚ୍ଚା କରିବା ସହିତ ବିଦ୍ୟାଳୟ କିମ୍ବା ଛାତ୍ରଛାତ୍ରୀଙ୍କ ଶିକ୍ଷା ଉପରେ କୌଣସି ପ୍ରାଧାନ୍ୟତା/ଆଗ୍ରହ ରଖି ନ ଥା'ନ୍ତି । ଏହା କେବଳ ସେମାନଙ୍କ ମନମାନୀ କାରଣରୁ ହୋଇଥାଏ ଯେ କୌଣସି ଆଖିଦୃଶିଆ ସରକାରୀ କାର୍ଯ୍ୟାନୁଷ୍ଠାନ ନାହିଁ ସେମାନଙ୍କ କାର୍ଯ୍ୟଶୈଳୀ ସମୀକ୍ଷା କରାଯିବା ପାଇଁ କିମ୍ବା କଟକଣା ନାହିଁ ପିଲାଙ୍କ ଭବିଷ୍ୟ ଗଠନ ଦିଗରେ । ତେଣୁ କେବଳ ବେଲ୍ ଓ ବିଲ୍ ଛାଡିଲେ ଅନ୍ୟ କୌଣସି କାର୍ଯ୍ୟକୁ ଏକ ପ୍ରହସନର ସହିତ ଗ୍ରହଣ କରିଥା'ନ୍ତି ସେମାନଙ୍କ ମନମାନସରେ ଯାହାର ଉପଯୁକ୍ତ ଅନୁସନ୍ଧାନ ଏବଂ କାର୍ଯ୍ୟାନୁଷ୍ଠାନ ନିହାତି ଆବଶ୍ୟକ । ଉପସ୍ଥିତ ସମୟର ଶିକ୍ଷକମାନଙ୍କ ସ୍ଥଳବିଶେଷକୁ ନେଇ ଯୋଗ୍ୟତା, ଦକ୍ଷତା ବିଷୟ ନକହିବା ଭଲ ଯାହା ସମସ୍ତେ ଜାଣନ୍ତି । ଆଶାତୀତ ବେତନ ପାଇ ମଧ୍ୟ ତିଳେହେଲେ ଆଗ୍ରହ ନଥିବା ନିଜ କର୍ମକ୍ଷେତ୍ର ପ୍ରତି ବୋଲାଉଥିବା ଶିକ୍ଷକଙ୍କ ସାମାଜିକ ସ୍ଥାନ ଯାହା ହେବା କଥା ସହଜେ ଅନୁମାନ କରି ହେଉଥିବ ଯାହା ସମସ୍ତଙ୍କୁ ଗୋଚର । ସରକାର ତତ୍ପରତାର ସହିତ ଏହାର ସମୀକ୍ଷା, ସମାଧାନ ନକଲେ school Transformation ନିଶ୍ଚିତ ବିଫଳ ହେବ, ସେଇଥିରେ ତିଳେହେଲେ ସନ୍ଦେହ ନାହିଁ । ରାଜ୍ୟର କାର୍ଯ୍ୟାଳୟ ସହକାରୀମାନଙ୍କ ୬ ବର୍ଷରେ ନିଶ୍ଚିତ ବଦଳି ପ୍ରାବଧାନ ରଖାଯାଇଥିବା ବେଳେ ମାସିକ ୨୫୦୦୦-୫୦୦୦୦/- ବେତନଭୋଗୀ ଚତୁର୍ଥ ଶ୍ରେଣୀ କର୍ମଚାରୀ, ମାସିକ ୩୦୦୦୦-୧୦୦୦୦୦/- ବେତନଭୋଗୀ ଶିକ୍ଷକ/ଶିକ୍ଷୟିତ୍ରୀ ତଥା ୫୦୦୦୦-୧୫୦୦୦୦/- ବେତନଭୋଗୀ ଅଫିସରମାନଙ୍କ ପାଇଁ ଏହି ନିୟମ ଲାଗୁ ହୋଇଛି କି ନାହିଁ ଜଣାନାହିଁ! ଯଦି ନାହିଁ କାହିଁକି?!! ସେମାନେ କ'ଣ ରାଜ୍ୟ ସରକାରଙ୍କର ସମସ୍ତ ନିୟମ ବହିର୍ଭୁତ କି?!! ମାତ୍ର ୧୦୦ ଟଙ୍କାର ଗ୍ରେଡ଼ ପେ ବ୍ୟବଧାନ ରହିଛି ପିଅନ ଏବଂ କିରାଣୀ ମଧ୍ୟରେ! ଯେଉଁଠାରେ ଜଣେ କିରାଣୀଙ୍କୁ ଶହ ଶହ କିଲୋମିଟର ଦୂରକୁ ବଦଳି କରାଯିବା ପ୍ରାବଧାନ ରହିଛି, କିନ୍ତୁ ପିଅନକୁ ଆଦୌ ବଦଳି ହେବନାହିଁ! କାହିଁକି? କିରାଣୀ କ'ଣ ପାପୀ ଆଉ ପିଅନ ଜଣେ ଧାର୍ମିକ?!! ଏହାକୁ ସମୀକ୍ଷା କରି ସେମାନଙ୍କୁ ମଧ୍ୟ ସେହି ବାଧ୍ୟତାମୂଳକ ବଦଳି କରାଗଲେ ବିଭାଗରେ କେତେକ ସୁଧାର ଆସିପାରିଥା'ନ୍ତା, ଯାହା ୫-ଟି ତୁରନ୍ତ ପଦକ୍ଷେପ ନେଲେ ଉଦ୍ଦେଶ୍ୟ ସଫଳ ହେବ ବୋଲି ଆମ ବିଚାର । ଅନୁସନ୍ଧାନ କଲେ ଜାଣିହେବ ଯେ ଅନ୍ୟାନ୍ୟ ବିଭାଗର କର୍ମଚାରୀଙ୍କ ତୁଳନାରେ ଶିକ୍ଷା ବିଭାଗର କର୍ମଚାରୀ ଆଶାତୀତ ମାସିକ ବେତନ ପାଇ ମଧ୍ୟ ତାହାର ଏକ ଦଶମାଂଶ କାର୍ଯ୍ୟ କରି ନ ଥା'ନ୍ତି । ତେଣୁ ନିଶ୍ଚିତ ସଂସ୍କାର ତଥା କର୍ମଚାରୀଙ୍କ ଉପରେ ବିହିତ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଯଥେଷ୍ଟ ଅଧିକ ରହିଛି ତୁଳନାତ୍ମକ ଅନ୍ୟାନ୍ୟ ସରକାରୀ ବିଭାଗୀୟ କାର୍ଯ୍ୟାଳୟ ।

ଶିକ୍ଷା ବିଭାଗ ରାଜ୍ୟର ସବୁଠାରୁ ବଡ଼ ବିଭାଗ ହେତୁ ତାହାର କର୍ମଚାରୀଙ୍କ ସଂଖ୍ୟ ସବୁଠାରୁ ଅଧିକ । ତାହାପ୍ରତି ତୀକ୍ଷ୍ଣ ନଜର ରଖାଯିବା ସର୍ବାଦୌ ବିଧେୟ । ଶିକ୍ଷା ବିଭାଗ ରାଷ୍ଟ୍ର ଗଠନର ମୂଳଦୁଆ । ରାଜ୍ୟ ସରକାର ଏହି ବିଭାଗର ସଂସ୍କାରକୁ ପ୍ରାଧାନ୍ୟ ଦେଲେ ରାଷ୍ଟ୍ରର ଉନ୍ନତି ସାଧିତ ହୋଇପାରିବ । ତେଣୁ ରାଜ୍ୟ ସରକାର ସମ୍ପୃକ୍ତ ବିଭାଗୀୟ କର୍ମଚାରୀଙ୍କ କାର୍ଯ୍ୟକଳାପର ବ୍ୟବଚ୍ଛେଦ କରିବା ତଥା ସମ୍ପୂର୍ଣ୍ଣ ଓଲଟପାଲଟ କରି ଗୋଟିଏ ସ୍ଥାନରେ ୬ ବର୍ଷରୁ ଅଧିକ ରହିଥିବା ସମସ୍ତ କର୍ମଚାରୀଙ୍କୁ ନିଶ୍ଚିତ ବଦଳି କରି ଏହି ବିଭାଗର ସ୍ୱଚ୍ଛତା ବୃଦ୍ଧି କରିବା ଦିଗରେ ଯଥାସାଧ୍ୟ କ୍ଷିପ୍ର ପ୍ରଚେଷ୍ଟା କରିବା ପାଇଁ ଅନୁରୋଧ କରାଯାଉଅଛି । ଶିକ୍ଷକ ତଥା କର୍ମଚାରୀଙ୍କ ଦୀର୍ଘବର୍ଷ ଧରି ଗୋଟିଏ ସ୍ଥାନରେ ରହି ଚେର ଲମ୍ବାଇ ଅନୁଷ୍ଠାନ ପ୍ରତି ବୈମାତୃକ ମନୋଭାବ ତଥା ବେପରୁଆ କାର୍ଯ୍ୟକଳାପ ହେତୁ ଆଜି ସମୟରେ ଏହି ବିଭାଗର ଅନିୟମିତତା ତଥା କଳୁଷିତ କାର୍ଯ୍ୟକଳାପର ସୀମା ନାହିଁ, କାରଣ କୌଣସି ସରକାରୀ କାର୍ଯ୍ୟାନୁଷ୍ଠାନ ନାହିଁ କି ବଦଳି ନାହିଁ । ତେଣୁ ବିଭାଗର ସମସ୍ତ ଶିକ୍ଷକ କର୍ମଚାରୀଙ୍କୁ ଗୋଟିଏ ଜାଲରେ ଛନ୍ଦି କୌଣସି ଚାପକୁ ପ୍ରତ୍ୟାଖ୍ୟାନ କରି ନିଶ୍ଚିତ ବଦଳି କରାଗଲେ କିଛି ଆଖିଦୃଶିଆ ପରିବର୍ତ୍ତନ ହୋଇପାରେ ବୋଲି ଆଶା କରାଯାଉଅଛି । କନିଷ୍ଠ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କୁ ମଧ୍ୟ ରାଜ୍ୟସ୍ତରୀୟ ବଦଳି କରାଯିବା ବେଳେ ଅନ୍ୟାନ୍ୟ କର୍ମଚାରୀଙ୍କୁ ଜିଲ୍ଲାସ୍ତରୀୟ ବଦଳି କରାଯିବା ବିଧେୟ । ତେଣୁ ରାଜ୍ୟ ସରକାର ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ୫-ଟି ବିଭାଗ ଏଥିପ୍ରତି ନିଶ୍ଚିତ ଦୃଷ୍ଟି ଦେଇ କିଛି ପରିବର୍ତ୍ତନ କଲେ ଆମର ବିଦ୍ୟାଳୟ Transformation ସଫଳ ରୂପାୟନ ହୋଇପାରିବ ବୋଲି ଆଶା କରାଯାଉଅଛି ।

ଏହି ସମ୍ବନ୍ଧରେ ରାଜ୍ୟବାସୀଙ୍କଠାରୁ ମଧ୍ୟ ଅଧିକରୁ ଅଧିକ ମତାମତ ରାଜ୍ୟ ସରକାରଙ୍କୁ ପ୍ରଦାନପୂର୍ବକ ସରକାରୀ କାର୍ଯ୍ୟାନୁଷ୍ଠାନରେ ସହଯୋଗ କରାଯିବା ନିତାନ୍ତ ବିଧେୟ । ତେଣୁ ଜନସାଧାରଣ ଏହାପ୍ରତି ତତ୍ପରତା ପ୍ରଦର୍ଶନ କରନ୍ତୁ ବୋଲି ସମସ୍ତଙ୍କୁ ଆହ୍ୱାନ କରାଯାଉଅଛି । ନହେଲେ ଆମେ ଆଗକୁ ବଢିବା ଶିଥିଳତା ଦେଖାଯିବା ସମ୍ଭାବନା ଯଥେଷ୍ଟ ବେଶୀ ବୋଲି ଆମ ବିଚାରରେ ଆପଣଙ୍କ ମତ ପୋଷଣ କରିବେ ବୋଲି ଆଶା...।

**ପଙ୍କଜ କୁମାର ପାଣିଗ୍ରାହୀ**
*ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ, ଦୂରଭାଷ: ୯୪୩୭୩୨୪୯୧୭*

# ଜ୍ଞାନପୀଠ ବିଜେତା ଗୋପୀନାଥ ମହାନ୍ତିଙ୍କ ମହାପ୍ରୟାଣ ଦିବସ ସ୍ମରଣେ...



୧୯୯୧ ମସିହା ଅଗଷ୍ଟ ୨୦ ତାରିଖରେ ଭାରତୀୟ ସାହିତ୍ୟାକାଶରୁ ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ ଅସ୍ତମିତ ହୋଇଗଲା। ବିଶେଷ ଭାବରେ ଓଡିଆ ସାହିତ୍ୟ କ୍ଷେତ୍ରରେ ତାଙ୍କର ଦକ୍ଷତା, ଉପନ୍ୟାସଠାରୁ ଆରମ୍ଭ କରି କ୍ଷୁଦ୍ରଗଳ୍ପ, ନାଟକ, ପ୍ରବନ୍ଧ ଓ ସମାଲୋଚନା, ଅନୁବାଦ, ଆଦିବାସୀ ଭାଷା ଓ ଇଂରାଜୀ ଭାଷାରେ ରଚିତ ପୁସ୍ତକ ତାଙ୍କୁ କେବଳ ଅବିସ୍ମରଣୀୟ କରିନାହିଁ, ଅମର ମଧ୍ୟ କରିଦେଇଛି। କଟକ ଜିଲ୍ଲାର ଏକ ଉପାନ୍ତ ଗ୍ରାମ ନାଗବାଲିରେ ସୂର୍ଯ୍ୟମଣୀ ମହାନ୍ତିଙ୍କ ଔରସରୁ ତଥା ସ୍ୱର୍ଣ୍ଣଗର୍ଭା ମାତା ଦୁର୍ଗାଦେବୀଙ୍କ ଗର୍ଭରୁ କନିଷ୍ଠ ସନ୍ତାନ ଭାବରେ ଭୂମିଷ୍ଠ ହୋଇଥିଲେ ଗୋପୀନାଥ। ତାଙ୍କର ପରିବାର ଏକ ସାରସ୍ୱତ ସାଧକଙ୍କ ପରିବାର କହିଲେ ଅତ୍ୟୁକ୍ତି ହେବ ନାହିଁ। ବଡଭାଇ ଗିରିଧାରୀ ଜଣେ ସାହିତ୍ୟିକ, କାହ୍ନୁଚରଣ ଜଣେ ବିଶିଷ୍ଟ ଔପନ୍ୟାସିକ ଏବଂ ତାଙ୍କର ପୁତୁରା ଗୁରୁପ୍ରସାଦ ହେଉଛନ୍ତି ଆଧୁନିକ କାବ୍ୟ ସାହିତ୍ୟର ଏକ ପ୍ରଖ୍ୟାତ କବି। ପରିବାରର ଆର୍ଥିକ ଦୁର୍ଗତି ତାଙ୍କ ବାଲ୍ୟଶିକ୍ଷାରେ ଅନେକ ପ୍ରତିବନ୍ଧକ ସୃଷ୍ଟି କରିଥିଲା। ଏକେତ' ପିଲାଦିନେ ସେ ପାଠପ୍ରତି ଅମନଯୋଗୀ ଥିଲେ। ବଡଭାଇଙ୍କ ତାଗିଦ୍ ଓ ପିତାଙ୍କ ମୃଦୁ ଭର୍ତ୍ସନା ତଥା ସର୍ବୋପରି ଏକ ହଳଦିଆ ରଙ୍ଗର ପେନ୍‌ସିଲ ତାଙ୍କ ବାଲ୍ୟଶିକ୍ଷାର ମାର୍ଗ ପରିବର୍ତ୍ତନ କରିଦେଇଥିଲା। ସମୁଦ୍ର କୂଳରେ ବୁଲୁବୁଲୁ ଲହଡି ତାଙ୍କ ପିତାଙ୍କ ଗୋଡ ପାଖରେ ଏକ ହଳଦିଆ ପେନସିଲ୍ ଫୋପାଡି ଦେଇଥିଲା। ସେ ଆସି ଗୋପୀନାଥଙ୍କୁ କହିଥିଲେ ଏଇଟା ବରୁଣ ଦେବତାଙ୍କ ଦାନ, ଏଥିରେ ପାଠ ପଢ, ଭଲ ପାଠ ହେବ। ଏଇ କଥାଟି ତାଙ୍କ ମନରେ ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଯଥେଷ୍ଟ ପ୍ରଭାବ ପକାଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟ କଥା ସେ ସୋନପୁରର ମହାରାଜା ହାଇ ଇଂଲିଶ୍ ସ୍କୁଲରେ ନାମଲେଖା ପାଇଁ ଯେଉଁ ପ୍ରବେଶିକା ପରୀକ୍ଷା ଦେଇଥିଲେ, ସେଥିରେ ସାହିତ୍ୟରେ ସବୁଠାରୁ କମ୍ ନମ୍ବର ରହିଥିଲା। ହାଇସ୍କୁଲ୍‌ର ସହକାରୀ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ନରେନ୍ଦ୍ର ନାଥ ରାୟଙ୍କ ପଠନପ୍ରିୟ କନ୍ୟା ଶାନ୍ତିର ସଂସ୍ପର୍ଶରେ ଆସି ଗୋପୀନାଥଙ୍କ ପଠନାଭ୍ୟାସ ବହୁଗୁଣିତ ହୋଇଯାଇଥିଲା, ଯାହାକି ତାଙ୍କୁ ପରବର୍ତୀ କାଳରେ ଏକ ଦକ୍ଷ ସୃଜନଶୀଳ ଲେଖକର ମାନ୍ୟତା ପ୍ରଦାନ କରିପାରିଥିଲା। ୧୯୨୬ ମସିହାରେ ପିତାଙ୍କ ଅକାଳ ବିୟୋଗ ପରେ ସେ ପାଟନା ହାଇସ୍କୁଲରେ ନାମ ଲେଖାଇଥିଲେ। ନବମ ଶ୍ରେଣୀରେ ଅଧ୍ୟୟନ କରିବା ସମୟରେ ଓଡିଆ ସମାଜ ଦ୍ୱାରା ଆୟୋଜିତ ରାଧାନାଥଙ୍କ ଜୀବନୀ ଉପରେ ଏକ ପ୍ରବନ୍ଧ ପ୍ରତିଯୋଗିତାରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ, ଯାହାକି ଥିଲା ତାଙ୍କ ସାହିତ୍ୟିକ ଜୀବନର ପ୍ରଥମ କୃତି। ୧୯୩୬ ମସିହାରେ ସେ ରେଭେନ୍‌ସା ମହାବିଦ୍ୟାଳୟରୁ ଇଂରାଜୀରେ ଦକ୍ଷତାର ସହିତ ପ୍ରଥମ ଶ୍ରେଣୀରେ ଏମ୍.ଏ. ପାଶ୍ କରିଥିଲେ। ୧୯୩୮ ମସିହା ସେପ୍ଟେମ୍ବର ୧୦ ତାରିଖରେ, ମାସିକ ଏକଶତ ଟଙ୍କା ବେତନରେ ଗୋପୀନାଥ ଯାଜପୁରରେ ସବ୍‌ଡେପୁଟି ରୂପେ ନିଯୁକ୍ତ ପାଇଥିଲେ, ଯାହାଫଳରେ ସେ ଆର୍ଥିକ ଦୁର୍ଗତିରୁ ମୁକ୍ତି ପାଇ ଲେଖନୀଚାଳନା କରିବାକୁ ସମର୍ଥ ହୋଇପାରିଥିଲେ। ଜଣେ ପ୍ରଶାସନିକ ଅଧିକାରୀ ଭାବରେ ସେ ସାଧାରଣ ଲୋକଙ୍କ ସହିତ ମିଶି ସେମାନଙ୍କର ସାମାଜିକ ଆର୍ଥିକ ଅବସ୍ଥା ବିଷୟରେ ଅନୁଧ୍ୟାନ କରି ସହୃଦୟତାର ସହିତ ସେମାନଙ୍କର ସମସ୍ୟା ସମାଧାନ କରି ବିଶେଷ ଲୋକପ୍ରିୟତା ଅର୍ଜନ କରିପାରିଥିଲେ। ତାଙ୍କର କର୍ମମୟ ଜୀବନର ଅଧିକାଂଶ ସମୟ କଟିଥିଲା ଆଦିବାସୀ ଅଧ୍ୟୁଷିତ ଅବିଭକ୍ତ କୋରାପୁଟ ଜିଲାରେ, ଯେଉଁଥିପାଇଁ ସେ ସରଳ ନିରୀହ ଆଦିବାସୀମାନଙ୍କର ଜୀବନଶୈଳୀକୁ ଅତି ନିକଟରୁ ଗଭୀର ଭାବରେ ଅଧ୍ୟୟନ କରିବାର ସୁଯୋଗ ପାଇଥିଲେ ଏବଂ ପ୍ରାୟ ତାଙ୍କର ପ୍ରତ୍ୟେକ ସୃଷ୍ଟିରେ ସାଧାରଣ ଦଳିତ ନିଷ୍ପେଷିତ ଜନତାଙ୍କର ଦୈନନ୍ଦିନ ଜୀବନଶୈଳୀ ଓ କଥିତ ଭାଷା ପ୍ରତିଫଳିତ। ପ୍ରଖ୍ୟାତ ବିଦେଶୀ ଔପନ୍ୟାସିକ ରିଚାର୍ଡସନ, ଭର୍ଜିନିଆ ଓଲଫ୍, ରୋମାଁରୋଲାଁ ପ୍ରଭୃତିଙ୍କ ରଚନା ଦ୍ୱାରା ସେ ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ ମଧ୍ୟ, ଉତ୍କଳୀୟ ସଂସ୍କୃତି ପରମ୍ପରା, ସାହିତ୍ୟକୁ ବିଶ୍ୱଦରବାରରେ ପରିଚିତ କରାଇବା ପାଇଁ ତାଙ୍କର ଉଦ୍ୟମ ପ୍ରଶଂସନୀୟ। ୧୯୩୬ ମସିହାରେ ତାଙ୍କର ପ୍ରଥମ ଗଳ୍ପ (ଉଁ) ଆଧୁନିକ ନାମକ ଏକ ପତ୍ରିକାରେ ପ୍ରକାଶିତ ହୋଇଥିଲା। ୧୯୪୦ରେ ପ୍ରକାଶିତ ହୋଇଥିଲା ତାଙ୍କର ପ୍ରଥମ ଉପନ୍ୟାସ (ମନ ଗହୀରର ଚାଷ)। ୧୯୪୪ରେ ଦାଦିବୁଢା, ୧୯୪୫ରେ ପରଜା, ୧୯୪୭ରେ ଅମୃତର ସନ୍ତାନ ଇତ୍ୟାଦି ୨୪ ଖଣ୍ଡ ଉପନ୍ୟାସ, ୧୦ ଗୋଟି ପୁସ୍ତକରେ ୨୦୦ରୁ ଊର୍ଦ୍ଧ୍ୱ କ୍ଷୁଦ୍ରଗଳ୍ପ, ତିନିଗୋଟି ନାଟକ, ପ୍ରବନ୍ଧ ଓ ସମାଲୋଚନା, କନ୍ଧ, ଗଡବା ଓ ସୌରୀ ଭାଷାରେ ରଚିତ ୫ଖଣ୍ଡ ପୁସ୍ତକ, ଟଲଷ୍ଟୟ ଓ ଟାଗୁରଙ୍କ ରଚନାର ଓଡିଆ ଅନୁବାଦ (ଯୁଦ୍ଧ ଓ ଶାନ୍ତି ଏବଂ ଯୋଗାଯୋଗ) ଇତ୍ୟାଦି ବଳିଷ୍ଠ ରଚନା ଓଡିଆ ସାହିତ୍ୟକୁ ସମୃଦ୍ଧି ପ୍ରଦାନରେ ବେଶ୍ ସହାୟକ ହୋଇଥିଲା। ଆଜୀବନ ସାହିତ୍ୟ ସେବା ନିମନ୍ତେ ସେ ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ମାନିତ ଏବଂ ସମ୍ବର୍ଦ୍ଧିତ ହୋଇଥିଲେ। ତନ୍ମଧ୍ୟରୁ ୧୯୫୦ରେ ପ୍ରଜାତନ୍ତ୍ର ପ୍ରଚାର ସମିତି ତରଫରୁ ବିଷୁବ ମିଳନ ଆବୃତି, ୧୯୫୫ରେ ଅମୃତର ସନ୍ତାନ ଉପନ୍ୟାସ ନିମନ୍ତେ କେନ୍ଦ୍ରୀୟ ସାହିତ୍ୟ ଆକାଡେମୀ, ୧୯୭୦ରେ (ଗରକିସ୍ ଓାର୍କସ)ର ଓଡିଆ ଅନୁବାଦ ନିମନ୍ତେ, ସୋଭିଏତ ଲ୍ୟାଣ୍ଡ ନେହେରୁ ପୁରସ୍କାର, ୧୯୭୩ରେ ମାଟି ମଟାଳ ଉପନ୍ୟାସ ନିମନ୍ତେ ସାହିତ୍ୟ କ୍ଷେତ୍ରର ସର୍ବୋଚ୍ଚ ଜ୍ଞାନପୀଠ ପୁରସ୍କାର, ୧୯୭୬ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡି.ଲିଟ୍ ଉପାଧି, ସାହିତ୍ୟକ୍ଷେତ୍ରକୁ ସ୍ୱତନ୍ତ୍ର ଅବଦାନ ନିମନ୍ତେ ୧୯୮୧ରେ ପଦ୍ମଭୂଷଣ ଉପାଧି ପ୍ରାପ୍ତ ହୋଇଥିଲେ। କଠିନ ରୋଗାକ୍ରାନ୍ତ ହେବାପରେ, ଚିକିତ୍ସା ନିମନ୍ତେ ତାଙ୍କ ଝିଅ ଜ୍ୱାଇଁ ଅବସ୍ଥାନ କରୁଥିବା କାଲିଫର୍ଣ୍ଣିଆକୁ ତାଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା। ଆମେରିକାର ବହୁ ଅଭିଜ୍ଞ ଡାକ୍ତରଙ୍କ ଅକ୍ଳାନ୍ତ ଉଦ୍ୟମ ସତ୍ତ୍ୱେ ୧୯୯୧ ମସିହା ଅଗଷ୍ଟ ୨୦ ତାରିଖ ଦିନ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ଭାରତର ସାହିତ୍ୟାକାଶରୁ ନିର୍ବାପିତ



ହୋଇଯାଇଥିଲା ଏକ ଉଜ୍ଜ୍ୱଳ ନକ୍ଷତ୍ର। ତାଙ୍କ ପରି ଜଣେ ଦରଦୀ, ସମ୍ବେଦନଶୀଳ, ପରୋପକାରୀ, ଜନପ୍ରିୟ ବିଶିଷ୍ଟ ସାହିତ୍ୟିକଙ୍କୁ ହରାଇ ଓଡିଶାର ଜନସାଧାରଣଙ୍କ ଚକ୍ଷୁ ହେଲା ଲୋତକପ୍ଲାବିତ। ଆଜି ତାଙ୍କର ମହାପ୍ରୟାଣ ଦିବସରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କୁ ନିବେଦନ କରିବା ସହିତ ଆମେ ସମସ୍ତ ଓଡିଆ ଭାଇଭଉଣୀ ଓଡିଆ ଭାଷାର ପ୍ରଚାର ଏବଂ ସୁରକ୍ଷା ପାଇଁ, ଅନାବଶ୍ୟକ ଖର୍ଚ୍ଚରୁ କିଛି ଅର୍ଥ ପୁସ୍ତକ କ୍ରୟ ଦିଗରେ ଯଦି ବିନିଯୋଗ କରି ନିଜେ ପଢିବା ସହିତ ପିଲାମାନଙ୍କର ପଠନ ଅଭ୍ୟାସକୁ ବୃଦ୍ଧି କରାଇପାରନ୍ତେ ଏବଂ ବିଭାଘର ଜନ୍ମଦିନ ପରି ବିଶେଷ ଉତ୍ସବରେ ଅର୍ଥ ପରିବର୍ତ୍ତେ, ଖଣ୍ଡିଏ ଉପାଦେୟ ପୁସ୍ତକ ଉପହାର ସ୍ୱରୂପ ପ୍ରଦାନ କରିପାରନ୍ତେ, ତେବେ ଏଇଟା ତାଙ୍କ ପାଇଁ ହୋଇପାରନ୍ତା ଏକ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳୀ।

**——ପ୍ରଦୀପ୍ତ ଆଚାର୍ଯ୍ୟ**
*ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଈଶାଣୀବ୍ରହ୍ମପୁର, କଟକ। ମୋ-୬୩୭୧୫୯୩୨୨୦*




# ଧାନ ଫସଲର କୀଟ ପରିଚାଳନା



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

କୃଷି ଓଡ଼ିଶାର ଅର୍ଥନୀତିର ମାପକାଠି ରୂପେ ବିବେଚନା କରାଯାଉଥିବା ବେଳେ ଏହାର ଜଳବାୟୁ ଅନୁସାରେ ଅଧିକାଂଶ ଲୋକ ଧାନ ଚାଷ ଉପରେ ନିର୍ଭରଶୀଳ। ମୁଖ୍ୟତଃ ୭୦ ଭାଗ ଲୋକ ଚାଷବାସ ଉପରେ ନିର୍ଭର କରନ୍ତି। ଓଡ଼ିଶାର ବିଭିନ୍ନ ଋତୁରେ ବିଭିନ୍ନ ଚାଷ କରାଯାଇଥିଲେ ହେଁ ଧାନ ମୁଖ୍ୟ ଚାଷ ଅଟେ। ମୁଖ୍ୟତଃ ଖରିଫ ଋତୁର ଆରମ୍ଭରେ ଧାନ ଚ଼ାଷ କରାଯାଇଥାଏ, ପରନ୍ତୁ ଧାନ ଚ଼ାଷର କେତେକ କ୍ଷତିକାରକ କୀଟ ଏହାର ଉତ୍ପାଦନରେ ହ୍ରାସ କରାଇଥାଏ। ବର୍ତ୍ତମାନ ସମୟରେ ଧାନ ଫସଲରେ କୀଟ ପରିଚାଳନା ଏକ ମୁଖ୍ୟ ଚ଼ିନ୍ତା ଭାବେ ଉଭା ହୋଇଛି। ତେବେ ଆସନ୍ତୁ ନଜର ପକେଇବା ଧାନ ଫସଲର ପ୍ରମୁଖ କୀଟମାନଙ୍କ ଉପରେ...



ଚ଼କଡା ପୋକ- ଧାନ ର ଏକ ପ୍ରମୁଖ ଉତ୍ପାଦନ ହ୍ରାସକାରୀ କୀଟ ଭାବେ ଚ଼କଡା ପୋକ ବେଶ ଜଣାଶୁଣା। କୃଷି ବିଜ୍ଞାନରେ ଏହାକୁ 'ବ୍ରାଉନ ପ୍ଲାଣ୍ଟ ହୋପର' ବୋଲି କୁହାଯାଏ। ତେବେ ଚ଼କଡା ପୋକ ମୁଖ୍ୟତଃ ତିନୋଟି ସ୍ତର ଦେଇ ଗତି କରିଥାଏ-ଅଣ୍ଡା-ଅର୍ଭକ-ପୂର୍ଣ୍ଣାଙ୍ଗ କୀଟ। ପୂର୍ଣ୍ଣାଙ୍ଗ କୀଟ ଦେଖିବାକୁ ମାଟିଆ ରଙ୍ଗର ସ୍ତ୍ରୀ କୀଟଟି ୫ମି.ମି ଲମ୍ବା ହୋଇଥିବା ବେଳେ ପୁରୁଷ କୀଟଟି ୪-୪.୫ ମି.ମି ଭିତରେ ଲମ୍ବାଥାଏ। ପତ୍ର ର ମଝି ଭାଗରେ ଅଣ୍ଡା ଗୁଡିକ ଦେଖାଯାଏ (୨-୧୨) ଅଣ୍ଡା ଟି ଧଳା ଓ ବଙ୍କା ଆକୃତିର ହୋଇଥାଏ। ସମ୍ପୂର୍ଣ୍ଣ ଜୀବନ ଚକ୍ର ୧୮-୨୨ ଦିନ ଭିତରେ ଶେଷ ହୋଇଥାଏ।

ଲକ୍ଷଣ- ଏହାର ପୂର୍ଣ୍ଣାଙ୍ଗ କୀଟଟି ଗଛର ତଳ ଭାଗର ରସକୁ ଶୋଷି ଶୋଷି ଖାଇଯାଇଥାଏ। ଖାଇବା ସମୟରେ ଏହା ଏକ ବିଷାକ୍ତ ପଦାର୍ଥ ନିର୍ଗତ କରିଥାଏ। ଯାହା ଫଳରେ (ହୋପର ବର୍ନ) ଲକ୍ଷଣ ଦେଖାଯାଇଥାଏ। ପତ୍ର ଗୁଡିକ ହଳଦିଆ ପଡିଯିବା ସହିତ ଗୋଲାକୃତି ଆକାରରେ ଗଛ ଶୁଖିଯାଏ। ଏହା ଯେଉଁ ଧାନ ଗଛକୁ ଆକ୍ରମଣ କରିଥାଏ, ତାହାର କାଣ୍ଡ ଭାଗ ଶୁଖିଯାଏ ଓ ଏହା ଭବିଷ୍ୟତରେ କୁଟା ହୋଇପାରେ ନାହିଁ ।

ପ୍ରତିକାର - * ଚ଼କଡା କୀଟ ଆକ୍ରାନ୍ତ ଜମିରେ ଏକ କିସମକୁ ଦ୍ୱିତୀୟ ଥର ବ୍ୟବହାର କରନ୍ତୁ ନାହିଁ ।

* ସହନଶୀଳ କିସମ ଯଥା ଗୋଦାବରୀ, କୃଷ୍ଣାଭେଣି, ଚୈତନ୍ୟ ପ୍ରଭୃତି ବ୍ୟବହାର କରିବା ଆବଶ୍ୟକ।

* ଧାନ ଜମିର ମଝି ଭାଗରେ କଣ୍ଡି କରନ୍ତୁ। ଏହାଦ୍ୱାରା ଉପଯୁକ୍ତ ସୂର୍ଯ୍ୟାଲୋକ ମିଳିପାରିବା ସହ ଆର୍ଦ୍ରତା ନିୟନ୍ତ୍ରଣ ହୋଇପାରିବ।

* ଜମିରୁ ଅନାବନା ଘାସ ଉପାଡିଦିଅନ୍ତୁ ।

* ପୋକର ଗତିବିଧି ଲକ୍ଷ୍ୟ କରି କୀଟନାଶକ ବ୍ୟବହାର କରନ୍ତୁ।

* ଗଛର ତଳଭାଗକୁ କାର୍ବୋଫ୍ୟୁରାଣ ଦାନା ଏକରକୁ ୧୦ କି.ଗ୍ରା, ଏସିଫେଟ ଏକଲିଟର ପାଣିରେ ୧୫ କି.ଗ୍ରା ମିଶାଇ ୩-୪ ଥର ସ୍ପ୍ରେ କରନ୍ତୁ ।

ନଳି ପୋକ- ଏହା ଧାନ ଫସଲର କ୍ଷତିକାରକ କୀଟ ମଧ୍ୟରେ ଅନ୍ୟତମ। ଏହାର ଶୁକ ଗୁଡ଼ିକ ଫିକା ସବୁଜ ରଙ୍ଗର ଓ ସଦାବେଳେ ପତ୍ରର ନଳୀ ଭିତରେ ଅବସ୍ଥାନ କରିଥାନ୍ତି। ଏମାନେ ଫିମ୍ବରୁ ବାହାରିବା ପରେ ଧାନ ପତ୍ରର ଅଗ ଭାଗକୁ କାଟି ଛୋଟଛୋଟ ନଳୀ ତିଆରି କରନ୍ତି। ନଳୀ ଭିତରେ ରହି ପତ୍ରର ସବୁଜ କଣିକାକୁ କୋରି କୋରି ଖାଇଥାନ୍ତି। ଏହି ନଳୀ ଗୁନିକ ପାଣିରେ ସହଜରେ ଭାସି ପାରେ।

ପ୍ରତିକାର - ଏହି ପୋକ ଦାଉରୁ ରକ୍ଷା ପାଇବା ପାଇଁ କୁଇନାଲଫସ ୨୫ଇସି ୨ମିଲି ପ୍ରତି ଲିଟର ପାଣିରେ ପ୍ରୟୋଗ କରି ଜମିରେ ପ୍ରୟୋଗ କରନ୍ତୁ।

ସ୍ୱାମିଙ୍ଗ ସଁବାଳୁଆ - ଏହା ଦେଖିବାକୁ ଗାଢ଼ ସବୁଜ ରଙ୍ଗର ଶୁକ। ଏହାର ନିୟନ୍ତ୍ରଣ ପାଇଁ ଜମିରୁ ସଠିକ ଭାବେ ଜଳ ନିଷ୍କାସନ କରିବା ଆବଶ୍ୟକ।

କାହାଳିଆ ପୋକ - ଏହା ସାଧାରଣତଃ ବର୍ଷାଦିନିଆ ଉଧାନ ଫସଲରେ ଦେଖାଯାଇଥାଏ। ପିଲ ଦେଉଥିବା ଅବସ୍ଥାରେ ପିଲ ଭିତରେ ପଶି କଅଁଳିଆ ମଂଜିର ଅଗ୍ରଭାଗକୁ ଖାଇଥାନ୍ତି। ଫଳରେ ପିଲଟି କାହାଳୀ ସଦୃଶ ହୋଇ ବଢ଼ିଥାଏ। କେଣ୍ଡାର ଧାରଣ ଶକ୍ତି କମିଥାଏ।

ପ୍ରତିକାର- ସଙ୍ଗ ଆକର୍ଷକ ଯନ୍ତା ବ୍ୟବହର କରିବା ଉଚିତ୍।

-ପଟାସ ସାର ବ୍ୟବହାର କରିବା ଦରକାର।

-କାର୍ବୋସଲଫନ୍ ୨୫%ଇସି ୨ମିଲି ପ୍ରତି ଲିଟର ପାଣିରେ ଜମିରେ ସିଂଚନ କରିବା ଆବଶ୍ୟକ।

ମାଟିଆଗୁଣ୍ଡି ପୋକ - ଏହା ମାଟିଆ ଓ ବାଦାମୀ ରଙ୍ଗର ଶୋଷକ କୀଟ ଅଟେ। ବର୍ଷାଦିନିଆ ଓ ଡ଼ାଲୁଅ ଧାନରେ ଏହା ବହୁଳ କ୍ଷତି କରିଥାଏ। ଏହା ଧାନ ବୁଦା ମୂଳରେ ଜଳପତନର ଠିକ ଉପର ଭାଗରେ ରହି କାଣ୍ଡରୁ ରସ ଶୋଷି ଖାଇଥାଏ। ଏହାର ଆକ୍ରମଣରେ ପ୍ରଥମେ ପତ୍ର ଗୁଡ଼ିକ ହଳଦିଆ ପଡ଼ିଯାଏ ଓ ଶେଷରେ ଧାନଗୁଡ଼ିକ ମରିଯାଏ। ଫୁଲ ଧରିବା ସମୟରେ ଏମାନଙ୍କ ପ୍ରାଦୁର୍ଭାବ ବେଶୀ ଥାଏ।

ପ୍ରତିକାର- ସଙ୍ଗଆକର୍ଷକ ଯନ୍ତାର ବ୍ୟବହାର କରିବା

ଇମିଡ଼ାକ୍ଲୋପିଡ୍ ୦.୨୫ମିଲି ପ୍ରତି ଲିଟର ପାଣିରେ ପକାଇ ସିଂଚନ କରିବା।

(ସମ୍ପାଦକ-ଶ୍ୟାମଳ ସୁବର୍ଣ୍ଣ,
ବାସୁଦେବପୁର,ଭଦ୍ରକ,
ମୋ:୯୪୩୮୪୬୭୦୭୯)

# ନଡ଼ିଆ ଫସଲରେ ଗଣ୍ଡାପୋକ ଦମନ



ଭୁବନାନନ୍ଦ ଅଧିକାରୀ
*କୀଟ ଟିଏ କଥା ଟିଏ - ୪*

**ଜୀବନ ଚକ୍ର :**

ଗଣ୍ଡାପୋକ ବା ରାଇନୋସରସ ବିଟିଲ ଏକ ଉତ୍ତମ ପ୍ରଜନନକ୍ଷମ ଅନିଷ୍ଟକାରୀ କୀଟ, ଯାହାର ପ୍ରାଦୁର୍ଭାବ ସମସ୍ତ ଜଳବାୟୁ ଓ ପରିବେଶରେ ଦେଖାଯାଇଥାଏ । ଏହାର ଜୀବନ ବୃତ୍ତାନ୍ତ ଅଧ୍ୟନ କଲେ ଜଣାଯାଏ ଯେ ଏହି କୀଟ ଗୋବର, ଖତଗଦା, ମୃତ ଓ ବିଘଟିତ ଜୈବିକ ପଦାର୍ଥର ଧ୍ୱଂସାବଶେଷରେ ମଧ୍ୟ ନିଜର ପ୍ରଜନନ କାର୍ଯ୍ୟ କରି ବଂଶବିସ୍ତାର କରିପାରେ ଓ ହାରାହାରି ୧୭୧ ଦିନ ମଧ୍ୟରେ ଏହାର ଜୀବନଚକ୍ର ପରିସମାପ୍ତ ହୁଏ । ତନ୍ମଧ୍ୟରୁ ଅଣ୍ଡା ଅବସ୍ଥା ୧୦ ଦିନ, ଶୁକ ଅବସ୍ଥା ୧୩୦ ଦିନ ଓ କୋଷା ଅବସ୍ଥା ୨୦ ଦିନରେ ଶେଷ ହୁଏ । ପୂର୍ଣ୍ଣାଙ୍ଗ ପ୍ରାପ୍ତ କୀଟଟି କୋଷରୁ ବାହାରିବା ପରେ ୫-୨୬ ଦିନ ପର୍ଯ୍ୟନ୍ତ ବିଶ୍ରାମ କରେ ଏବଂ ତପ୍ରରେ ନଡ଼ିଆ ଗଛର ଅଗ୍ରଭାଗକୁ ଉଡ଼ି ଚାଲିଯାଏ । ଏହି କୀଟର ଅଣ୍ଡିରା ପୂର୍ଣ୍ଣାଙ୍ଗ କୀଟଟି ୧୨୦ ଦିନ ବଂଚିଥିବା ବେଳେ ମାଈ କୀଟଟି ହାରାହାରି ୧୪୨ ଦିନ ଜୀବନ ଧାରଣ କରିଥାଏ । ଫେବୃୟାରୀରୁ ଏପ୍ରିଲ ଏବଂ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ଏହି ପୋକ ସର୍ବାଧିକ ଅଣ୍ଡା ଦେଇଥାଏ।

**କ୍ଷତି :**

ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକଟି ସାଧାରଣତଃ ନଡ଼ିଆଗଛର ବାହୁଙ୍ଗା ଏବଂ ଫୁଲକୁ ମାତ୍ରାଧିକ ଆକ୍ରମଣ କରି କ୍ଷତି ପହଞ୍ଚାଏ । ଏହି ପୋକ ଆକ୍ରମଣ ନଡ଼ିଆ ଫସଲରେ ହାରାହାରି ୧୦ ପ୍ରତିଶତ ଅମଳ ହ୍ରାସ କରେ । ୩-୧୦ ବର୍ଷ ବୟସ ଗଛ ଗୁଡ଼ିକରେ ଏହି ପୋକର ଆକ୍ରମଣ ଜନିତ କ୍ଷତି ଅଧିକ ହୋଇଥାଏ । ଆକ୍ରମିତ ବାହୁଙ୍ଗା ଗୁଡ଼ିକର ପତ୍ର କଟିଯାଇଥିବା ଲକ୍ଷ୍ୟ କରାଯାଏ । ଏହାକୁ ବୈଜ୍ଞାନିକ ଭାଷାରେ ଜିଓମେଟ୍ରିକ କଟ୍, ଫ୍ୟାନକଟ୍ ବୋଲି କୁହାଯାଏ । ସାଧାରଣତଃ ବିଶେଷ ଆକ୍ରମଣ ହୋଇ ନଥିଲେ ଗୋଟିଏରୁ ଦୁଇଟି ପତ୍ର କଟିଥାଏ । ଯଦି ଏହି ପୋକର ପ୍ରାଦୁର୍ଭାବ ମାତ୍ରାଧିକ ହୁଏ ଓ ଏହାର ଆର୍ଥିକ ଦେହଳୀ ସୀମା ଉଲ୍ଲଙ୍ଘନ କରେ, ସମସ୍ତ ପତ୍ର ଏହିଭଳି କଟିଥିବା ଲକ୍ଷ୍ୟ କରାଯାଏ । ଏହା ବ୍ୟତୀତ ସମ୍ପୂର୍ଣ୍ଣ ଖୋଲି ନଥିବା ବାହୁଙ୍ଗା ମୂଳରେ ଆୟତକାର କଣା ଦେଖାଯାଏ ଏବଂ ଏହି କଣା ପାଖରେ ପୋକ ଦ୍ୱାରା ନଷ୍ଟ ହୋଇଥିବା ବୃକ୍ଷର ତନ୍ତୁଗୁଡ଼ିକର ଅବଶିଷ୍ଟାଂଶ ଦେଖିବାକୁ ମିଳେ । ମାତ୍ରାଧିକ କ୍ଷତି ହେବା ପୂର୍ବରୁ ଏହି ପୋକର ଦମନ ନ କରାଗଲେ ନଡ଼ିଆଗଛ ଅନ୍ୟ କ୍ଷତିକାରୀ କୀଟ ଆକ୍ରମଣ ତଥା କବକଜନିତ ରୋଗ ଆକ୍ରମଣ ପାଇଁ ଉପଯୋଗୀ ହୋଇଯାଏ।

**ନିୟନ୍ତ୍ରଣ :**

ଏହି କୀଟର ନିୟନ୍ତ୍ରଣ ପାଇଁ ପ୍ରଥମେ ପରିଷ୍କାର ପରିଚ୍ଛନ୍ନ ଚାଷ ପ୍ରଣାଳୀ ଅବଲମ୍ବନ ଆବଶ୍ୟକ । ଗଛର ଆଖପାଖ ପରିଷ୍କାର ରଖିବା ସହ ଗଛରେ ଥିବା ମୃତଅଂଶ, ପଚା ଅଂଶ, ପତ୍ରଗୁଡ଼ିକୁ ସମୟାନୁସାରେ କାଟି ସଫା କରିବା ଦ୍ୱାରା ଏହି ପୋକ ଆକ୍ରମଣରୁ ରକ୍ଷା ମିଳେ । ଏହି ପୋକ ଦ୍ୱାରା ସୃଷ୍ଟି ଆୟତକାର ଗଣାରେ ସ୍ପୋକ ବା ଏକ ସରୁ ତାର ପୂରାଇ ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକକୁ ଧରି ତାକୁ ନଷ୍ଟ କରିବା ମଧ୍ୟ ଜରୁରୀ । ନଡ଼ିଆ ବାହୁଙ୍ଗା ବାହାରିଥିବା ଗଛର ଅଂଶ ବା କନ୍ଦରେ ସେଭିଡଲ ୨୫ ଗ୍ରାମ ଓ ସରୁବାଲି ୨୦୦ ଗ୍ରାମର ମିଶ୍ରଣ ବା ଫୋରେଟ୍ ଓ ବାଲିର ମିଶ୍ରଣକୁ ପ୍ରୟୋଗ କଲେ ଏହାର ଉତ୍କଟ ଗନ୍ଧ ଦ୍ୱାରା ଏହି ପୋକଗୁଡ଼ିକ ଫସଲ ଆଡ଼କୁ ଆକର୍ଷିତ ହୁଅନ୍ତି ନାହିଁ । ଯାହାଦ୍ୱାରା ଆକ୍ରମଣଜନିତ କ୍ଷତି ହ୍ରାସପାଏ । ଜୈବିକ ଉପାୟରେ ଏହି ପୋକର ମଧ୍ୟ ନିୟନ୍ତ୍ରଣ ସମ୍ଭବପର । ଏହି କୀଟକୁ ନିୟନ୍ତ୍ରଣ କରୁଥିବା ଭୂତାଣୁ ବା ବ୍ୟାକୁଲୋ ଭାଇରସର ପ୍ରୟୋଗ ବା କୀଟ ବିନାଶକାରୀ କବକ ମେଟାରିଜିୟମ୍ ଆନିସୋପିଲେର ପଇଡ଼ପାଣି ବା ମକାଗୁଣ୍ଡ ବା କୁଣ୍ଡାରେ ବଂଶବିସ୍ତାର କରାଇ ଏହି କବକର ସ୍ପୋରକୁ ଗଛ ପାଖରେ ଥିବା ଖତଗଦାରେ କ୍ୟୁବିକ୍ ମିଟର ପ୍ରତି ୫ ଢ ୧୦୧୧ ସ୍ପୋର ପ୍ରୟୋଗ ଦ୍ୱାରା ଏହି କୀଟ ଦମନ ସମ୍ଭବପର ହୋଇଥାଏ । କେତେକ ଉପକାରୀ କୀଟ ମଧ୍ୟ ଅଛନ୍ତି ଯେଉଁମାନେ ଏହି ଗଣ୍ଡାପୋକକୁ ବିନାଶ କରିବାରେ ସାହାଯ୍ୟ କରନ୍ତି । କିନ୍ତୁ ଆମ ରାଜ୍ୟରେ ବା ପ୍ରାକୃତିକ ଅବସ୍ଥାରେ ଏହାର ପ୍ରୟୋଗ ଏତେଟା ସଫଳକାମୀ ହୋଇ ନଥାଏ । ଜୈବିକ ନିୟନ୍ତ୍ରଣର ଅନ୍ୟ ପ୍ରମୁଖ ଦିଗ ସ୍ୱରୂପ କୀଟ ନିୟନ୍ତ୍ରକ ସୂତ୍ରକୃମିର ଉତ୍ପାଦଡିଡି ୧୩୬ର ପ୍ରୟୋଗ କଲେ ଏହାର ପ୍ରଭାବରେ ଗଣ୍ଡାପୋକର ଶୁକ ବା କୋଷାଗୁଡ଼ିକର ଦମନ ସମ୍ଭବ ହୁଏ । ଏହି ସୂତ୍ରକୃମି ଜାତ ଉତ୍ପାଦର ପ୍ରୟୋଗ ଦ୍ୱାରା ୬୦-୧୦୦ ପ୍ରତିଶତ କୀଟ ଦମନର ନଜିର ରହିଛି। ଏତଦ୍ ଭିନ୍ନ କ୍ଷତିକାରୀ ଗଣ୍ଡାପୋକର ସଂଘ ଆକର୍ଷକ ଯନ୍ତା ବସାଇ (୫ ଏକରକୁ ୧ଟି ଯନ୍ତା ବସାଇବାର ୬୦ ଦିନ ପରେ ଆକ୍ରମଣ ଜନିତ କ୍ଷତିକୁ ୮୦ ପ୍ରତିଶତ କମାଇ ଦିଆଯାଇପାରେ। ଏହିସବୁ ଅଣରାସାୟନିକ ନିୟନ୍ତ୍ରଣ ବ୍ୟତୀତ ସମୟାନୁସାରେ ଗଛ ନିକଟରେ ଥିବା ଖତଗଦା ବା କମ୍ପୋଷ୍ଟ ପିଟରେ ବାର୍କାରିଲ ୫୦ ପ୍ରତିଶତ ଗୁଣ୍ଡ ଲିଟର ପ୍ରତି ୩ ଗ୍ରାମ ଦ୍ରବଣକୁ ସିଞ୍ଚନ କଲେ ଏହି କୀଟ ଆକ୍ରମଣରୁ ରକ୍ଷା ମିଳେ ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଚାଷୀଭିମାନେ ନିଜେ ନିଜ ଫସଲ ସମସ୍ୟା ପାଇଁ ସମାଧାନ ଉପାୟ ନ ଭାବି ପାଖରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ବା କୃଷି ଅନୁସନ୍ଧାନ ଓ ବୈଷୟିକ ଜ୍ଞାନକୌଶଳ କେନ୍ଦ୍ର, କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ବା ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ପରିଚାଳନା କଲେ ସେମାନେ ଫସଲ ସବସ୍ୟା ଦୂର କରିବା ସହ ନିଜର ଜ୍ଞାନ ପରିସର ମଧ୍ୟ ବଢ଼ାଇ ପାରିବେ।

ମୋ- ୯୫୮୩୨୮୫୪୯୯

# କପା ଫସଲରେ ପୋକ ପରିଚାଳନାରେ ଉପକାରୀ କୀଟର ଭୂମିକା

ଦୀପାୟନ ପାଢ଼ୀ

*କପା ଏକ ମୁଖ୍ୟ ଅର୍ଥକାରୀ ଫସଲ । ଏହାର ଆବଶ୍ୟକତା ଏବଂ ଉତ୍ପାଦନ କ୍ଷମତାକୁ ଆଖି ଆଗରେ ରଖି ଏହାକୁ 'ଧଳା ସୁନା' ମଧ୍ୟ କୁହାଯାଏ । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲର ବିଭିନ୍ନ ପ୍ରକାରର ଅପକାରୀ ପୋକର ପ୍ରାଦୁର୍ଭାବ ବଢ଼ି ଚାଲିଛି ଯଥା ବିଭିନ୍ନ ପ୍ରକାରର ଶୋଷକ ପୋକ, ପତ୍ରଖିଆ ପୋକ ଏବଂ ଫଳବିନ୍ଧା ପୋକ । ପ୍ରଥମେ ପ୍ରଥମେ ଏହି ପୋକମାନଙ୍କ ନିରାକରଣ ପାଇଁ ରାସାୟନିକ କୀଟନାଶକ ବ୍ୟବହାର କରିବା ଦ୍ୱାରା ପୋକର ପ୍ରାଦୁର୍ଭାବକୁ କମାଯାଇ ପାରୁଥିଲା । କିନ୍ତୁ ବର୍ତ୍ତମାନର ପରିସ୍ଥିତି ଅଲଗା । ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲକୁ ଆକ୍ରମଣ କରୁଥିବା ପୋର ନିୟନ୍ତ୍ରଣ ନିମନ୍ତେ ସବୁଦାୟ ଫସଲରେ ବ୍ୟବହୃତ ରାସାୟନିକ କୀଟନାଶକର ଶତକଡ଼ା ୫୦ ଭାଗ କେବଳ କପା ଫସଲରେ ପ୍ରୟୋଗ କରାଯାଏ । ଏହା ଯୋଗୁଁ ପରିବେଶ ପ୍ରଦୂଷଣ ସହିତ ପୋକ ମାନଙ୍କର ସହନଶକ୍ତି ବଢ଼ି, ଏହା ନୂଆ ସମସ୍ୟା ସୃଷ୍ଟି କରେ । ଏଠାରେ ଏହା କୁହାଯାଇପାରେକି, ଆମେ ପୋକ ନିୟନ୍ତ୍ରଣ ପାଇଁ କେବଳ ରାସାୟନିକ ପଦ୍ଧତି ଉପରେ ନିର୍ଭର କରିପାରିବା ନାହିଁ ।*

*ଏହି କାରଣ ଯୋଗୁଁ ସମନ୍ୱିତ କୀଟ ପରିଚାଳନାର ସୃଷ୍ଟି । ଜୈବିକ ନିୟନ୍ତ୍ରଣ ପଦ୍ଧତି, ସମାନୟିତ କୀଟ ପରିଚାଳନା ବ୍ୟବସ୍ଥାର ଏକ ଅବଛେଦ୍ୟ ଅଙ୍ଗ । ଫସଲ ପରିବେଶରେ ଅପକାରୀ କୀଟ ସହିତ ଉପକାରୀ କୀଟ ପରାଶ୍ରୟୀର ଉପଯୁକ୍ତ ସଂରକ୍ଷଣ, ବଂଶବୃଦ୍ଧି ଏବଂ ଆବଶ୍ୟକ ଅନୁଯାୟୀ ପ୍ରୟୋଗ ଦ୍ୱାରା ଅନିଷ୍ଟକାରୀ କୀଟ ମାନଙ୍କର ଆଶାତୀତ ବୃଦ୍ଧିରେ ବାଧା ଉପୁଜେ । ଜୈବ ନିୟନ୍ତ୍ରଣ ଏକ ମିତବ୍ୟୟୀ, ଯୁକ୍ତିଯୁକ୍ତ ଓ ଦୀର୍ଘସ୍ଥାୟୀ କୀଟ ନିୟନ୍ତ୍ରଣ ପଦ୍ଧତି ହେଇଥିବାରୁ ଅତ୍ୟଧିକ କୀଟନାଶକ ପ୍ରୟୋଗର ଆବଶ୍ୟକତା ପଡ଼ି ନଥାଏ ।*

*ଏହି ବିଷୟବସ୍ତୁରେ କପା ଫସଲରେ ଦେଖାଯାଉଥିବା କେତେକ ମୁଖ୍ୟ ପରଭୋଜୀ କୀଟ ଏବଂ ପରାଶ୍ରୟୀ କୀଟ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି ।*

ପରଭୋଜୀ କୀଟ :

**ଇନ୍ଦ୍ରଗୋପୀ ଭୃଙ୍ଗ (Lady bird beetle):**

ଏହାର ଅନ୍ୟ ନାମ କାନ୍ଦୁଲ ଫାଳିଆ ପୋକା ପୂର୍ଣ୍ଣାଙ୍ଗ କୀଟଟି ଦେଖିବାକୁ ଗୋଲାକାର, ଲାଲ, କମଳା ଓ ନାରଙ୍ଗି ରଙ୍ଗର ହୋଇଥାନ୍ତି । କିନ୍ତୁ ଭୃଙ୍ଗ ଗୁଡ଼ିକଲମ୍ବାଳିଆ ଏବଂ ପଛଭଗତି ତିନିକୋଣିଆ । ଏହି ପୋକଟି ଅଣ୍ଡାରୁ ପୂର୍ଣ୍ଣାଙ୍ଗ ଅବସ୍ଥାରେ ପରିଣତ ହେବା ପାଇଁ ପାଖାପାଖି ୨ ରୁ ୩ ସପ୍ତାହ ଆବଶ୍ୟକ କରିଥାଏ । ଏହି ପୋକ ଗୁଡ଼ା ଜଉପୋକ ମେଳନୀ ସ୍ଥାନରେ ଧାଡ଼ିରେ ୧୫୦ରୁ ୨୦୦ଟି ଅଣ୍ଡା ଦିଅନ୍ତି ।

ଏହାର ସୁକ ପୋକଟିକୁ ଠିକ୍ ଭାବରେ ନଚିହ୍ନି ପାରିବା ଦ୍ୱାରା ବେଳେବେଳେ ଏହାକୁ ଲୋକେ ଭୁଲରେ ପରଭୋଜୀ ଭାବିନିଅନ୍ତି । ଦିନବେଳେ ଏହି ଭୃଙ୍ଗ ସବୁ ବିଶେଷ ଭାବରେ ସକ୍ରିୟ ହୋଇଥାନ୍ତି । ଏହି କୀଟ ବିଶେଷ ଭାବରେ ଶୋଷକ ପୋକଙ୍କୁ ଖାଏ । ଯଥା- ଜଉପୋକ, ପତ୍ରଡିଆଁ ପୋକ, ଧଳା ମାଛିର ଅର୍ଭକ, ପାତ୍ର ଉକୁଣି ଇତ୍ୟାଦି । ସୁକ ଅବସ୍ଥାରେ ଏମାନେ ଅଧିକ ପୋକ ଖାଇନିଅନ୍ତି (ହାରାହାରି ୪୫ଟି ପୋକ/ଦିନ)

**ବୁଢ଼ିଆଣୀ :**

କପା ଫସଲରେ ସାଧାରଣତ ଦୁଇ ପ୍ରକାରର ପରଭୋଜୀ ବୁଢ଼ିଆଣୀ ଦେଖାଯାନ୍ତି । କିଛି ଅପକାରୀ କୀଟକୁ ସିଧାସଳଖ ଖାଇନିଅନ୍ତି, ତ କିଛି ଜାଲ ତିଆରି କରି ଜାଲରେ ପଡ଼ିବା କୀଟମାନଙ୍କୁ ଖାଇ ନିଅନ୍ତି । କପା ଫସଲରେ ବିଭିନ୍ନ ପ୍ରକାରର ବୁଢ଼ିଆଣୀ ଯଥା- ଲମ୍ବା ଦାନ୍ତିଆ ବୁଢ଼ିଆଣୀ, ବାଘୁଆ ବୁଢ଼ିଆଣୀ, ପତ୍ରଡ଼ିଆଁ ବୁଢ଼ିଆଣୀ ଇତ୍ୟାଦି ଦେଖାଯାନ୍ତି । ଏମାନେ ଶୋଷକ ପୋକର ଅର୍ଭକ ତଥା ପତ୍ରଖିଆ ଏବଂ ଫଳବିନ୍ଧା ପୋକମାନଙ୍କର ଶୁକକୁ ଭକ୍ଷଣ କରନ୍ତି ।

**ସିରଫିଡ଼ ମାଛି :**

ବଡ଼ ବା ପୂର୍ଣ୍ଣାଙ୍ଗ ମାଛି ଫୁଲର ମଧୁ ବା ପରାଗରେଣୁ ଖାଇ ବଂଚିଥାଏ । ମାଈ ପୂର୍ଣ୍ଣାଙ୍ଗ ମାଛି ଜଉପୋକ ଦଳରେ ଅଣ୍ଡା ଦେଇଥାଏ । ଅଣ୍ଡାରୁ ଶୂକ (ଗୋଡ଼ ବିହିନ ଏବଂ ମୁଣ୍ଡ ସରୁ ଓ ପଛ ଭାଗଟି ଓସାରିଆ) ହେବା ପାଇଁ ଏହା ୩ ରୁ ୪ ଦିନ ନେଇଥାଏ । ପୂର୍ଣ୍ଣାଙ୍ଗ ମାଛିର ପେଟ ପାଖରେ ହଳଦିଆ ଏବଂ କଳା ରଙ୍ଗର ଦାଗ ଥାଏ । ସାଧାରଣତ ମାଛି ଶୂକଟି ଯଉପୋକର ଅର୍ଭକର ରସ ଶୋଷି କେବଳ ଖୋଳପାକୁ ଛାଡ଼ି ଦିଅନ୍ତି । ଏହାର ଶୂକ ପୋକଟି ଦିନକୁ ହାରାହାରି ୫୭ଟି ଜଉପୋକ ଖାଇଥାଏ ।

**କ୍ରାଇସୋପେର୍ଲା :**

ଏହାକୁ ଜଉପୋକର ଖାଦନ ବୋଲି ମଧ୍ୟ କୁହାଯାଏ। ପୂର୍ଣ୍ଣାଙ୍ଗ ମାଈ ପୋକଟି ରେଶମ ସୂତାରେ ଗୋଟି ଗୋଟି କରି ଅଣ୍ଡା ଦିଏ । ମୁଖ୍ୟତଃ ଶୁକ ଗୁଡ଼ିକ ଜଉପୋକ ଅର୍ଭକ ଖାଇଥାନ୍ତି । ଶୁକ କୀଟର ଦା ଆକାରର ଦୁଇଟି ଦାନ୍ତ ଥାଏ । ଯାହାଦ୍ୱାରା ଏମାନେ କୀଟ ଶରୀରରୁ ରସ ଶୋଷଣ କରିନିଅନ୍ତି । ଜଉପୋକ ବ୍ୟତୀତ ଏମାନେ ଅନ୍ୟ ନରମ ଶରୀର ବିଶିଷ୍ଟ କ୍ଷୁଦ୍ର କୀଟମାନଙ୍କର ନିୟନ୍ତ୍ରଣରେ ସହାୟକ ହୋଇଥାନ୍ତି ଏହା ଦିନକୁ ହାରାହାରି ୪୬ ଜଉପୋକ ଖାଇଥାଏ ।

**ଶିକାରୀ ଝିଣ୍ଟିକା :**

ଏହା ଏକ ସର୍ବକୀଟଭୋଜୀ ପୋକ । ଏହା ସବୁ ପ୍ରକାର ଫସଲରେ ଦେଖାଯାଏ । ଏହାର ଆଗ ଗୋଡ଼ ଦୁଇଟି ଟାଣ, କଣ୍ଟା କଣ୍ଟା ଓ ଶିକାର ଧରିବାରେ ସହାୟକ ହୋଇଥାଏ । ଏହାର ମୁଣ୍ଡଟି ଚାରି ଦିଗକୁ ଘୂରିପାରେ । ଏହାର ମାଇ ପୋକଟି ଏକ ଟାଣ ଆବରଣ ମଧ୍ୟରେ ଅଣ୍ଡା ଦେଇଥାଏ । ଏଥିରେ ଅର୍ଭକ ଓ ପୂର୍ଣ୍ଣାଙ୍ଗ କୀଟ ଅନ୍ୟ କୀଟ ମାନଙ୍କୁ ଖାଇଥାନ୍ତି । ଏହି ଉପକାରୀ ପୋକଟି ଗୋଟିଏ ଦିନରେ ହାରାହାରି ୪ଟି ଶୂକ ପୋକ ଖାଇପାରେ ।

**ରେଡ୍ଡୁଭିଡ଼ ବଗ ବା ହତ୍ୟାକାରୀ ପୋକ :**

ହତ୍ୟାକରୀ ପୋକ ଏକ ବିଶେଷ ଧରଣର ଉପକାରୀ କୀଟ । ଏହା ନିଜ ଠାରୁ ଭାରି ଓ ବଡ଼ ଆକାରର କୀଟ ମାନଙ୍କୁ ଶିକାର କରିଥାନ୍ତି । ଏହି ହତ୍ୟାକାରୀ କୀଟ ମୁଖ୍ୟତଃ ଶୂକ ପୋକ, ଜଉପୋକ ଓ ଅନ୍ୟ ପୋକମାନଙ୍କର ଅଣ୍ଡା ଖାଏ । ଏହା ନିଜର ଶୁଣ୍ଢ ଦ୍ୱାରା ଶିକାର ଶରୀର ମଧ୍ୟରେ ଏକ ବିଷାକ୍ତ



ପଦାର୍ଥ ଛାଡ଼ିଥାଏ । ତଦ୍ୱାରା ଶିକାର ପୋକଟି ନିସ୍ତେଜ ହୋଇଥାଏ, ଯାହାକି ଶିକାରୀ ପୋକକୁ ଶିକାର ଠାରୁ ରସ ଶୋଷିବାରେ ସହାୟକ ହୋଇଥାଏ । ଏହା ଦିନକୁ ହାରାହାରି ୬ଟି ଶୂକପୋକକୁ ଶିକାର କରେ ।

ପେଣ୍ଟାଟୋମିଡ଼ (ପଞ୍ଚକୋଣୀ)

**ବଗ ବା ଢ଼ାଲ ବଗ :**

ଏହାର ମାଇ ପୋକଟି ପତ୍ରର ଉପରି ଭାଗରେ ଉଜ୍ଜ୍ୱଳ ଧାତୁ ରଙ୍ଗର ଅଣ୍ଡା ଧାଡ଼ିରେ ଦେଇଥାନ୍ତି । ଏହିପୋକ ଗୁଡ଼ିକ ନିଜ ଲମ୍ବା ଶୁଣ୍ଢ ଦ୍ୱାରା ରସ ଶୋଷି ନିଜ ଆକାର ଠାରୁ ବଡ଼ କୀଟମାନଙ୍କୁ ଖାଇ ପାରନ୍ତି । ଏମାନେ ଗୋଟିଏ ଦିନରେ ହାରାହାରି ୫ଟି ଶୂକକୁ ଶିକାର କରିପାରନ୍ତି ।

କାରାବିଡ଼ ଭୃଙ୍ଗ ବା ଗ୍ରାଉଣ୍ଡ ବିଟିଲ :ଗ୍ରାଉଣ୍ଡ ବିଟିଲର ଉଭୟ



ପୂର୍ଣ୍ଣାଙ୍ଗ ଅବସ୍ଥା, ଶୂକ କଳାରଙ୍ଗର । ଏହାର ଉଭୟ ପୂର୍ଣ୍ଣାଙ୍ଗ ଏବଂ ଶୂକ ଅବସ୍ଥାରେ ଶିକାର କରନ୍ତି । ଏହାର ପୂର୍ଣ୍ଣାଙ୍ଗ ଅବସ୍ଥାରେ ମୁହଁରେ ଦା ଆକୃତିର ଦାନ୍ତ ଥାଏ । ଗୋଟିଏ ପୋକ ଦିନରେ ହାରାହାରି ୫ଟି ଶୂକ ପୋକ ଖାଇଥାଏ ।

**ଶିକାରୀ ବିରୁଡ଼ି :**

ଏମାନେ ଘରର କାନ୍ଥ କୋଣରେ ମାଟି ଘର ତିଆରି କରିଥାଏ । ପୂର୍ଣ୍ଣାଙ୍ଗ ବିରୁଡ଼ି ବିଭିନ୍ନ ପ୍ରକାରର ଶୂକ ଗୁଡ଼ିକୁ ବୋହିଆଣି, ସେମାନଙ୍କୁ ନିସ୍ତେଜ କରି ଏହାର ଛୁଆ ଗୁଡ଼ିକୁ ଖାଇବାକୁ ଦେଇଥାନ୍ତି । ଏମାନେ ନିଜ ନାହୁଡ଼କୁ ଅନ୍ୟ କୀଟମାନଙ୍କୁ ଭୟଭୀତ କରିବାରେ ବ୍ୟବହାର କରନ୍ତି ।

**ଧବନ ଭୃଙ୍ଗ :**

ଏହା ଏକ ଉଜ୍ଜ୍ୱଳ ଲାଲ ରଙ୍ଗର ଟାଣ ଶରୀର ଥିବା ପୋକ । ଏହାକୁ ମୁଖ୍ୟତଃ ଗୋଟି ପୋକ ଏବଂ ଆମେରିକୀୟ ବକରା ବିନ୍ଧା ପୋକର ଶୁକ ନିୟନ୍ତ୍ରଣରେ ବ୍ୟବହାର କରାଯାଏ ।

**ପରାଶ୍ରୟୀ କୀଟ :**

**ଟ୍ରାଇକୋଗ୍ରାମ :**

ଏହା ଏକ ଅଣ୍ଡା ପରାଶ୍ରୟୀ କୀଟ । ପୂର୍ଣ୍ଣାଙ୍ଗ ମାଈ କୀଟଟି ମୋଥ ବା ପ୍ରଜାପତି ଜାତୀୟ କୀଟମାନଙ୍କ ଅଣ୍ଡା ମଧ୍ୟରେ ଅଣ୍ଡା ଦେଇଥାଏ । ଟ୍ରାଇକୋଗ୍ରାମା ଅଣ୍ଡାର ଛୁଆ ଶିକାର କୀଟର ଅଣ୍ଡାକୁ ନଷ୍ଟ କରି ଏଥିରୁ ପୁଣିଟ୍ରାଇକୋଗ୍ରାମା କୀଟ ବାହାରିଥାଏ । ଏହାକୁ କପା ଫସଲରେ ବକରା ବିନ୍ଧା କୀଟ, ପତ୍ରଖିଅ ଘୋଡ଼ାପୋକ ଓ କାହାଳୀ ପୋକ ଇତ୍ୟାଦିର ନିୟନ୍ତ୍ରଣ ପାଇଁ ବ୍ୟବହାର କରାଯାଏ । ଏହି କୀଟକୁ ଗବେଷଣାଗାରରେ ବୃଦ୍ଧି କରାଯାଇ ଟ୍ରାଇକୋକାର୍ଡ଼ ଭାବରେ ବିକ୍ରି କରାଯାଇ ପାରିବ । ଗୋଟିଏ ଟ୍ରାଇକୋକାର୍ଡ଼ରେ ପାଖାପାଖି ୨୦,୦୦୦ କୀଟ ଥାଏ । ୬୦,୦୦୦ ଟ୍ରାଇକୋଗ୍ରମା କୀଟ ଏକରକୁ ପ୍ରତି ସପ୍ତାହ ଅନ୍ତରରେ ୪/୬ ଥର ଛଡ଼ାଯାଏ।

**କୋଟେସିଆ:**

ଏହା ଏକ ଶୁକ ପରାଶ୍ରୟୀ କୀଟ । ଅଣ୍ଡାରୁ ଫୁଟିବା ପରେ ଛୁଆ ଗୁଡ଼ିକ ଶୁକ ପୋକ ଶରୀରର ଅଭ୍ୟନ୍ତରୀୟ ତନ୍ତୁ ଗୁଡ଼ିକୁ ଖାଇ ଯାଆନ୍ତି । ଏମାନେ କପା ଫସଲରେ ଫଳବିନ୍ଧା ପୋକ, ପତ୍ରଖିଅ ଗୋଟି ପୋକ ଇତ୍ୟାଦିର ଶୁକରେ ଅଣ୍ଡା ଦେଇ ଏହାର ନିୟନ୍ତ୍ରଣ କରନ୍ତି।

ସହ ପ୍ରାଧାପକ, କୀଟତତ୍ୱ
ବିଭାଗ,
ଏମ୍.ଏସ୍. ସ୍ୱାମୀନାଥନ କୃଷି
ବିଶ୍ୱ ବିଦ୍ୟାଳୟ,
ପାରଳାଖେମୁଣ୍ଡି
ମୋ- ୮୨୮୦୦୨୮୧୬୬




# ଜିଲ୍ଲା କଂଗ୍ରେସ ତରଫରୁ ୭୬ତମ ସ୍ୱାଧୀନତା ଦିବସ ପାଳିତ

ରାଉରକେଲା (ପିଏନ୍): ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ୭୬ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା କଂଗ୍ରେସର ଅଂ'ରୀଣ ସଭାପତି ଦେବବ୍ରତ ବିହାରୀ ସକାଳ ୯ଟା ୧୫ ମିନିଟ୍‌ରେ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟ ଠାରେ ଜାତୀୟ ପତାକା ଉତ୍ତୋଳନ କରି ଉପସ୍ଥିତ କଂଗ୍ରେସ କର୍ମୀମାନଙ୍କୁ ସମ୍ବୋଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ କୁଚିଣ୍ଡାର ପୂର୍ବତନ ବିଧାୟକ ତଥା ପିସିସି ପର୍ଯ୍ୟବେକ୍ଷକ ରାଜେନ୍ଦ୍ର ଛତ୍ରିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଶ୍ରୀ ଛତ୍ରିଆ ତାଙ୍କ ବକ୍ତବ୍ୟରେ ସମ୍ପ୍ରତି ଦେଶ ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ପାଳନ କରୁଥିବାରୁ ୭୬ତମ ସ୍ୱାଧୀନତା ଦିବସ ବିଶେଷ ମହତ୍ୱ ରଖୁଛି ବୋଲି କହିଥିଲେ । ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ତ୍ୟାଗ ଓ ବଳିଦାନକୁ ଶ୍ରୀ ଛତ୍ରିଆ ସ୍ମରଣ କରାଇ ସ୍ୱାଧୀନତା ପରେ ଆମର ମହାନ ନେତାମାନଙ୍କ ନିଷ୍ପାପର ଉଦ୍ୟମ ଯୋଗୁ ବିଭିନ୍ନ କ୍ଷେତ୍ର ଯଥା ସ୍ୱାସ୍ଥ୍ୟ, ଶିକ୍ଷା, ଯୋଗାଯୋଗ, କୃଷି, ଶିଳ୍ପ, ମହାକାଶ ବିଜ୍ଞାନ, ଗମନାଗମନ, ଆଣବିକ ପରୀକ୍ଷା ଇତ୍ୟାଦି କ୍ଷେତ୍ରରେ ଆମେ ହାସଲ କରିଥିବା ସଫଳତା ଉପରେ ଆଲୋକପାତ କରିଥିଲେ । ଆମ ଦେଶର ନାଗରିକମାନଙ୍କ ଚିଂ'ାଧାରା ୭୫ ବର୍ଷ ମଧ୍ୟରେ ଯଥେଷ୍ଟ ଉନ୍ନତ ହୋଇଛି ବୋଲି ଶ୍ରୀ ଛତ୍ରିଆ ପ୍ରକାଶ କରି ଆମ ଗଣତନ୍ତ୍ରର ପରିପକ୍ୱତା ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ବିରେନ ସେନାପତି, ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାଂ' ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ ଓ ପ୍ରଭାତୀ ମିଶ୍ର, ଉପସଭାପତି ଉମେଶ ଶରଣ ଓ କୀର୍ତ୍ତନ ଦାସ, ମହିଳା ରାଜ୍ୟ ସମ୍ପାଦିକା ଲତା ନାୟକ, ପିସିସିର ପୂର୍ବତନ ସମ୍ପାଦକ ଗଣେଶ ପ୍ରଧାନ, ସାଧାରଣ ସମ୍ପାଦକ ଶଙ୍କର ଅଗ୍ରୱାଲ, ତୁଳସୀ ନାଗ, ସମ୍ପାଦକ ପ୍ରତିମା ପାଣିଗ୍ରାହୀ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ରୁକସାନା ବେଗମ, ଦିଲ୍ଲୀପ ଜେନା, ବ୍ଲକ୍ ସଭାପତି ବିଜୟ ଆପଟ, ରଘୁନାଥ ଦାସ, ମୁଖପାତ୍ର କୈଳାସ ସାହୁ, ରେହେମାନ ଖାନ, ସାହିର ହୁସେନ, ସାକିର ହୁସେନ, ସୁନୀଲ ପଟ୍ଟନାୟକ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଓ କର୍ମୀ ଏହି ଉତ୍ସବରେ ଅଂଶଗ୍ରହଣ କରିଥିବା ବେଳେ ପୂର୍ବତନ ପିସିସି ସମ୍ପାଦକ ସବୀର ହୁସେନ ଧନ୍ୟବାଦ ଦେଇଥିଲେ । ସେବାଦଳର ବୁଲୁ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବୋଲି ଏକ ପ୍ରେସ୍ ବିବୃତିରେ ଦଳ ତରଫରୁ କୁହାଯାଇଛି ।

## ଜଳସେଚନ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର (ପିଏନ୍): ରବିନ୍ଦ୍ର ମଣ୍ଡପରେ ଦୁଇଦିନ ଧରି ଚାଲିଥିବା ଜଳସେଚନ ସାଂସ୍କୃତିକ ପରିଷଦର ଏକାଦଶତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ବିଜୟ କୁମାର ମିଶ୍ର, ଭକ୍ତ ରଂଜନ ମହାନ୍ତି ଏବଂ ମୁଖ୍ୟ ଯନ୍ତ୍ରୀ ମୁକୁଲ ଚନ୍ଦ୍ର ବେରା କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଜଳସେଚନ ପ୍ରକ୍ରିୟାକୁ ପ୍ରଶଂସା କରିଥିଲେ । ପରିଷଦର କଳାକାରମାନଙ୍କଦ୍ୱାରା ଆୟୋଜିତ ହୋଇଥିବା ନାଟକ ଅଧୁରା ସ୍ୱପ୍ନ ମଞ୍ଚସ୍ଥ ପାଇଁ ଧନ୍ୟବାଦ ଦେଇଥିଲେ । ସଭାପତି ଦିଲ୍ଲୀପ କୁମାର ସିଂହ ଏବଂ ସମ୍ପାଦକ ଅମିତାଭ ମହାନ୍ତି ସଭା ପରିଚାଳନାରେ ସହଯୋଗ କରିଥିଲେ । ସଂଘର ସ୍ମରଣିକା ଜଳସା ଉନ୍ମୋଚିତ ହୋଇଯାଇଥିବାବେଳେ କୋଭିଡ୍-୧୯ ପାଇଁ ଗତ ୩ବର୍ଷ ଧରି ବନ୍ଦ ଥିବା ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଶିଷ୍ଟ ତିନିଜଣ ବ୍ୟକ୍ତିଙ୍କୁ ସୁନାକର ମେମୋରିଆଲ ସମ୍ମାନ ପ୍ରଦାନ କରାଯାଇଥିଲା । ନାଟକ ଅଧୁରା ସ୍ୱପ୍ନର ନିର୍ଦ୍ଦେଶନା ଦାୟିତ୍ୱରେ ଥିଲେ ସୌମ୍ୟରଂଜନ ମହାନ୍ତି ଏବଂ ସମ୍ପାଦନା ଦାୟିତ୍ୱରେ ଦିପ୍ତୀ ରଂଜନ ଦାସ । ଟୁଙ୍ଗୁରୁ ମଦନ ମୋହନ ଦାଶ, ଇନିସ୍‌ପେକ୍ଟର ରବିନ୍ଦ୍ର କୁମାର ରାଉତ, ଜହର ତଥା ଖଳନାୟକ ସନ୍ତୋଷ କୁମାର ପ୍ରଧାନ ଭୂମିକାରେ ଅଭିନୟ କରିଥିବା କଳାକାରଙ୍କ ଅଭିନୟରୁ ଦର୍ଶକ ଖୁବ୍ ମଜ୍ଜା ଉଠାଇଥିଲେ ।

## କଲେଜ୍ ଓ ହାଇସ୍କୁଲରେ ଅମୃତ ମହୋତ୍ସବ

ଧର୍ମଶାଳା (ପିଏନ୍): ଧର୍ମଶାଳା ମହିଳା ଡିଗ୍ରୀ କଲେଜ, ମହାବିଦ୍ୟାଳୟର ଏନ୍.ଏସ୍.ଏସ୍. ୟୁନିଟ୍, ମୋ କଲେଜ ଓ ରେଡ୍‌କ୍ରସ୍ ୟୁନିଟ୍ ଆନୁକୂଲ୍ୟରେ ଆଜାଦୀ କୀ ଅମୃତ ମହୋତ୍ସବ ପାଳିତ ହୋଇଯାଇଛି । କଲେଜର ଅଧକ୍ଷା ଡ. ଇନ୍ଦୁପ୍ରଭା ସାମଲଙ୍କ ସଭାପତିତ୍ୱରେ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସୁନାକୁର ଦାସ, ମୋ କଲେଜ ଅଭିଯାନର ସଂଯୋଜକ ଡକ୍ଟର ରାଜକିଶୋର ଜେନା, ଅଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନଙ୍କ ସମେତ ସମସ୍ତ ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ । ବର୍ତ୍ତମାନର ଯୁବପିଢ଼ି ସ୍ୱାଧୀନତାର ଅମୃତ ମୂଲ୍ୟବୋଧକୁ ଉପଲବ୍ଧ କରିବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ । ଛାତ୍ରୀ ଲକ୍ଷ୍ମୀପ୍ରିୟା ରାଉତ, ସ୍ୱାଗତିକା ଗେଡ଼ି ଦେଶାତ୍ମବୋଧକ ସଙ୍ଗୀତରେ ନୃତ୍ୟ ପରିବେଷଣ କରିଥିବାବେଳେ ପ୍ରିୟଙ୍କା ବାରିକ, ଅନିତା ସାହୁ, ପ୍ରିୟଦର୍ଶିନୀ ସାହୁ, ସୁନିତା ପାଳ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ ଛାତ୍ରୀମାନେ ଜାତୀୟପତାକା ଧରି ଫ୍ଲାଗ୍‌ମାର୍ଚ୍ଚ କରି ସ୍ଥାନୀୟ ଅଂଚଳରେ ସଚେତନତା ସୃଷ୍ଟି କରିଥିଲେ । ସେହିପରି ଗଙ୍ଗାଧରପୁର ସ୍ଥିତ ପତିତପାବନ ହାଇସ୍କୁଲ ଓ ଅନନ୍ତ ଗୋପାଳ ନୋଡାଲ ସ୍କୁଲ ପକ୍ଷରୁ ଆଜାଦୀ କୀ ଅମୃତ ମହୋତ୍ସବ ପାଳନ କରାଯାଇଥିଲା । ଏଥିରେ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ଗାଗରାଇ, ଶିକ୍ଷୟତ୍ରୀ ଭଂଜନା ସାହୁ, ତପସ୍ୱିନୀ ନାୟକ, ସୁପ୍ରଭା ଜେନା, ଶିକ୍ଷକ ନାରାୟଣ ନନ୍ଦ ଓ ଅକ୍ଷୟ ଦାସ ପ୍ରମୁଖ ଛାତ୍ରୀଛାତ୍ରଙ୍କ ଗହଣରେ ଜାତୀୟ ପତାକା ଧରି ଗଙ୍ଗାଧରପୁର ଗ୍ରାମ ପରିକ୍ରମା କରିବା ସହିତ ୨ ଶହ ଜାତୀୟ ପତାକା ବଂଟନ କରି ସଚେତନତା ସୃଷ୍ଟି କରିଥିଲେ ।

## ପାରାଦୀପରେ ବାଲି ମାଫିଆ ସକ୍ରିୟ

ପାରାଦୀପ (ପିଏନ୍)- ସମୁଦ୍ର ଉପକୂଳରେ ଥିବା ଲୁଣା ଜଙ୍ଗଲ ଓ ବାଲି ଟିକିରା ପ୍ରାକୃତିକ ବିପର୍ଯ୍ୟୟ ଯଥା ବାତ୍ୟା ଓ ସୁନାମି ସମୟରେ ଉପକୂଳବାସୀଙ୍କୁ ସୁରକ୍ଷା ଦେଇଥାଏ । ଉପକୂଳବାସୀଙ୍କ ପାଇଁ ଏହା ସୁରକ୍ଷା କବଚ ହୋଇ ଠିଆ ହୋଇଥାଏ ଏହି ବାଲି ଟିକିରା (ବାଲୁକା ସ୍ତୁପ) । ଏହି ବାଲି ଟିକିରା ୧୯୯୯ ମସିହା ମହାବାତ୍ୟାଠାରୁ ଏପର୍ଯ୍ୟନ୍ତ ହୋଇଥିବା ବାତ୍ୟା, ସାମୁଦ୍ରିକ ଝଡରେ ପାରାଦୀପଠାରୁ ଏରସମା ପର୍ଯ୍ୟନ୍ତ ଅଂଚଳବାସୀଙ୍କୁ ସୁରକ୍ଷା ଦେଇଆସିଛି । ପାରାଦୀପ ଠାରୁ ଜଟାଧାର ମୁହାଣ ପର୍ଯ୍ୟନ୍ତ ବିସ୍ତିର୍ଣ୍ଣ ଅଂଚଳକୁ ସୁରକ୍ଷା ଦେଇଥିବା ଜଙ୍ଗଲ ଓ ବାଲି ଟିକିରା ଆଉ ଦେଖିବାକୁ ମିଳୁନାହିଁ । କାଠ ମାଫିଆମାନେ ଜଙ୍ଗଲ ଲୁଟ୍ କରିସାରିବା ପରେ ଏବେ ପାଳି ବାଲି ମାଫିଆମାନଙ୍କର । ପାରାଦୀପଠାରୁ ଜଟାଧାର ମୁହାଣ ପର୍ଯ୍ୟନ୍ତ



ବାଲି ଟିକିରା ରାତିର ଅନ୍ଧାରରେ ଲୁଟ୍ ହେଉଥିବା ଖବର ପୂର୍ବରୁ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ପ୍ରଶାସନର ତତ୍ପରତା ପରେ ଏହା ବନ୍ଦ ହୋଇଯାଇଥିଲା । ଏବେ ପୁଣି ବାଲି ମାଫିଆ ବେଧଡକ ଭାବେ ରାତିର ଅନ୍ଧାରରେ ଲୁଟ କରୁଛନ୍ତି ଲୁଣା ବାଲି । ପାରାଦୀପ ଅଂଚଳରେ ଗଢି ଉଠୁଥିବା ଶିଳ୍ପସଂସ୍ଥାକୁ ଏହି ବାଲି ଚୋରା ଚାଲଣ ହେଉଛି । ପାରାଦୀପ ଉପକଣ୍ଠ ଷଣ୍ଢକୁଦବସ୍ତି ନିକଟରେ ନୁମାଲିଗଡ ରିଫାଇନାରୀ ଲିମିଟେଡ୍ (ଏନ.ଆର୍.ଏଲ୍) କମ୍ପାନୀ ଅଶୋଧିତ ତୈଳ ଭଣ୍ଡାର ପ୍ରତିଷ୍ଠା କରିବାକୁ ଯାଉଛି । ୨୩୨ ଏକର ପରିମିତ ଏହି ଯାଗାରେ ଲୁଣା ବାଲି ବିଛାଯାଉଛି । ତାହା ପୁଣି ଉପକୂଳରେ ଥିବା ବାଲି ଟିକିରାକୁ ଖୋଳି ବାଲି ମାଫିଆମାନେ ଆଣି ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନରେ ପକାଉଛନ୍ତି । ଧର୍ମକୁ ଆଖିଠାର ପରି ଅଳ୍ପ କିଛି ବାଲି ବନ୍ଦର ୫ ନମ୍ବର ଗେଟ୍ ରୁ ନିଆଯାଉଛି । ସର୍ବାଧିକ ବାଲି ଏରସମା ତହସିଲ ଅଂ'ର୍ଗତ ଯୋଗୀ ସାହି ନିକସ୍ଥ ଅଡମୁଁହ, ଢିଙ୍କିଆ ଓ ବୋସକାଲିସ୍ ପଏଂଟ ନିକଟସ୍ଥ ଅଂଚଳରୁ ବେଆଇନ୍ ଭାବେ ବାଲି ଶହ ଶହ ଟ୍ରିପ୍ ହାଇଓା ମାଧ୍ୟମରେ ଚାଲଣ କରାଯାଉଛି । ପ୍ରକଳ୍ପ ହେବା ପରେ ଜାହାଜ ଯୋଗେ ଅଶୋଧିତ ତେଲ ଆସି ଏହି ତୈଳ ଭଣ୍ଡାରରେ ଗଚ୍ଛିତ ହେବ ଏବଂ ପାଇପ୍ ଲାଇନ୍ ଯୋଗେ ଆସାମର ନୁମାଲିଗଡ ଠାରେ ଥିବା ଏନ.ଆର୍.ଏଲ୍ ତୈଳ ବିଶୋଧନାଗାରକୁ ଯିବ । ଲାଭବାନ ହେବ ଆସାମ କ୍ଷତିଗ୍ରସ୍ତ ହେବାକୁ ଯାଉଛି ଓଡିଶା । ପ୍ରଶାସନର ନିଶ ତଳେ ଏଭଳି ବାଲି ଲୁଟ୍ ଚାଲିଥିବା ବେଳେ ପ୍ରଶାସନ ଏଦିଗରେ ଚୁପ୍ ରହିବା ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହା ମଧ୍ୟରେ ଯଦି କେବେ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦିଏ ତେବେ ଏହି ଉପକୂଳବାସୀ ସବୁଠୁ ବେଶୀ କ୍ଷତିଗ୍ରସ୍ତ ହେବେ । ପୁଣି ଥରେ ୧୯୯୯ ମସିହାର ମହାବାତ୍ୟା ପରର କରୁଣ ଚିତ୍ର ଏ ଅଂଚଳବାସୀ ଦେଖିବେ ବୋଲି ପୂର୍ବାନୁମାନ କରାଯାଉଛି ।

## କାର୍ ଧକ୍କାରେ ବ୍ୟବସାୟୀ ମୃତ



ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ନିକଟ ଗୋକର୍ଣ୍ଣେଶ୍ୱର ମନ୍ଦିର ସମ୍ମୁଖ ୧୬ ନମ୍ବର ଜାତୀୟ ରାଜପଥରେ ଏକ କାର୍ ଧକ୍କାରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଛି । ମୃତକ ଯାଜପୁର ସଦର ଥାନା ଅର୍ଥଙ୍ଗା ପଞ୍ଚାୟତ ଅଳପୁଆ ଗ୍ରାମର ବେଣୁଧର ମଲିକ (୫୪) ବୋଲି ଜଣାପଡ଼ିଛି । ସେ ନିଜ ଲୁନାରେ ଘରକୁ ଫେରୁଥିବା ବେଳେ ଏକ କାର୍ ତାଙ୍କୁ ଧକ୍କା ଦେଇ ଚମ୍ପଟ ମାରିଥିଲା । ସେ ରାସ୍ତାରେ ଛିଟିକି ପଡ଼ିଥିବା ବେଳେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତିକରାଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ପୁଲିସ୍ ଦୁର୍ଘଟଣାଗ୍ରସ୍ତ ଲୁନା ଓ ମୃତଦେହକୁ ଜବତ କରି ଘଟଣାର ତଦନ୍ତ କରୁଛି ।

## ସହୀଦ ବାଘାଜତୀନଙ୍କୁ ଶ୍ରଦ୍ଧାଞ୍ଜଳୀ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ଜିଲ୍ଲା ଜେଲ୍ ପରିସରରେ ଥିବା ସହୀଦ ବାଘାଜତୀନଙ୍କ ସ୍ମୃତି ପୀଠରେ ବିଜେପି ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳୀ ସଭା ଆୟୋଜିତ ହୋଇଥିଲା । ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାକୁ ନଗର ମଣ୍ଡଳ ସଭାପତି ଚିତ୍ତରଞ୍ଜନ ପଣ୍ଡା ପରିଚାଳନା କରିଥିଲେ । ସହୀଦ ବାଘାଜତୀନ ଓ ତାଙ୍କ ସାଥୀଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ସଭା କାର୍ଯ୍ୟ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ସହୀଦ ବାଘାଜାତୀନଙ୍କ ବିଷୟରେ ସ୍ମୃତିଚାରଣ କରିଥିଲେ । ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ସ୍ୱାଧୀନତା ଦିବସ ଅବସରରେ ମିଷ୍ଟାନ୍ନ ବଣ୍ଟନ କରିବା ସହିତ ବିଚାରାଧୀନ ଜେଲ୍ ଅନ୍ତେବାସୀଙ୍କ ସହିତ ମୌଳିକ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ଓ ଗୋବିନ୍ଦ ଚନ୍ଦ୍ର ଦାସ ଲମ୍ବୋଦର ନାୟକ, ପର୍ଶୁରାମ ପରିଡ଼ା, କମଳଲୋଚନ ଦାସ ପ୍ରମୁଖ ବିଜେପି କର୍ମୀମାନେ ଉପସ୍ଥିତ ଥିଲେ ।

## ଲିଙ୍ଗିପୁର ଗ୍ରାମପଂଚାୟତର ଅଧିକାଂଶ ରାସ୍ତା ମରଣଯନ୍ତା




ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ପଂଚାୟତ ଅଫିସଠାରୁ ମାତ୍ର ୧୦୦ ମିଟର ଭିତରେ ଅଧିକାଂଶ ରାସ୍ତା ଅବସ୍ଥା ଶୋଚନୀୟ । ରାସ୍ତାଗୁଡିକ ତିଆରି ହେବାପରେ ମରାମତି ପାଇଁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ସେତିକି ଯତ୍ନବାନ ନୁହେଁ, ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି କିନ୍ତୁ ଅବସ୍ଥାରେ ସୁଧାର ଆସୁନି । ଏତେଗୁଡିଏ ଅର୍ଥ ଖର୍ଚ୍ଚ ହେବା ସତ୍ୱେ ରାସ୍ତା ମରାମତି ଠିକ ଭାବରେ ହୋଇପାରୁନି । ଏହାର ନଗ୍ନ ଉଦାହରଣ ହେଉଛି ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ପଂଚାୟତ ଅଧିନସ୍ଥ ଜନନୀ ହସ୍‌ପିଟାଲ୍ ସମ୍ମୁଖ ରୋଡ ତାହା ଖୋଳି ହୋଇ ବିପଦସଂକୁଳ ଅବସ୍ଥାରେ ଅଛି । ଖାଲ, ଢିପ ଭର୍ତି । ପ୍ରତ୍ୟେକ ଦିନ ହସ୍‌ପିଟାଲକୁ ଆସୁଥିବା ଆମ୍ବୁଲାନ୍ସ ଏବଂ ସାଧାରଣ ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରୁନାହିଁ । ଗାଙ୍ଗୋତ୍ରୀ ନଗର ଲେନ ନଂ-୩ । ଏହି ରାସ୍ତା ମରଣଯନ୍ତା ଅଟେ । ଗ୍ରାମ୍ୟଉନ୍ନୟନ ବିଭାଗ ଯନ୍ତ୍ରୀ କୁହନ୍ତି ମରାମତି ହେବ । ନିର୍ବାହୀ ଯନ୍ତ୍ରୀ, ସହକାର ଯନ୍ତ୍ରୀ ପ୍ରତିଶ୍ରୁତି ଦେବାରେ ହେଳା କରନ୍ତିନି କିନ୍ତୁ କାର୍ଯ୍ୟରେ ଶୂନ । ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଲୋକମାନେ ଯିବା ଆସିବା କରନ୍ତି । ସମସ୍ତ ସ୍କୁଲ ଓ କଲେଜ ଛାତ୍ର ଏହି ବାଟ ଦେଇ ଯିବା ଆସିବା କରନ୍ତି । ଏହି ରୋଡ ନଂ-୩ଟି ହେଉଛି ମୁଖ୍ୟ ରାସ୍ତା । ଏଠାରେ ଅଧିକାଂଶ ବ୍ୟକ୍ତି ବରିଷ୍ଠ ନାଗରିକ ଅଟନ୍ତି । ସକାଳେ ପ୍ରାତଃ ଭ୍ରମଣରେ ଯିବାବେଳେ ଚାଲିକି ଯିବା ସମ୍ଭବପର ନୁହେଁ କାରଣ ରାସ୍ତାର ଅବସ୍ଥା ଅବର୍ଣ୍ଣନୀୟ ଅଟେ । ଖାଲଖମାରେ ଭରପୁର । ଅଳ୍ପ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି । ରାସ୍ତା ଖୋଜି ବାହାର କରିବା କାଠିକର ପାଠ । ସେହିପରି ଲିଙ୍ଗିପୁର ପଂଚାୟତ ଅଫିସଠାରୁ ମାତ୍ର



୨୦ମିଟର ଭିତରେ ଡାକଘର ପଛପଟ ରାସ୍ତା ଅତ୍ୟନ୍ତ ଦୟନୀୟ ଏବଂ ଦୀପତଳ ଅନ୍ଧାର ନ୍ୟାୟରେ ସାଧାରଣ ଲୋକଙ୍କୁ ହଇରାଣ ହରକତ କରାଯାଉଛି । ସ୍ୱାଧୀନତାର ୭୫ବର୍ଷ ପରେ ମଧ୍ୟ ଏହିଭଳି ଶୋଚନୀୟ ରାସ୍ତା ତାହା ନିଜ ଚକ୍ଷୁରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ଯୋଜନା ଅନୁଯାୟୀ ଜାନୁଆରୀରୁ ରାସ୍ତା କାମ ଆରମ୍ଭ ହୋଇ ଜୁନ ମାସ ମଧ୍ୟରେ ସରିବା କଥା କିନ୍ତୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଦୂରଦୃଷ୍ଟି ଅଭାବରୁ ଗାଙ୍ଗୋତ୍ରୀନଗରବାସୀ ଅସୁବିଧାରେ । ଠିକାଦାରମାନେ ନିମ୍ନଧରଣର କାମ କରିବା ଫଳରେ କାମ ହେବାର କିଛିଦିନ ପରେ ଯଥାପୂର୍ବଂ ତଥା ପରଂ । ଏଠାରେ ସବୁ ରାସ୍ତା ବିପଜ୍ଜନକ ଅବସ୍ଥାରେ ରହିଛି । କିଛି ନହେଲେ ସରକାର ମୁଖ୍ୟରାସ୍ତା ରୋଡ ନଂ-୩କୁ ତୁରନ୍ତ ମରାମତି କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବାକୁ ଦାବୀ ହୋଇଛି ।

## ଜାତୀୟ କଂଗ୍ରେସର ଆଜାଦୀ କୀ ଗୌରବ ଯାତ୍ରା, ସ୍ୱତନ୍ତ୍ରତା ସେନାନୀଙ୍କ ପ୍ରତି ଏକ ଉଚିତ୍ ସମ୍ମାନ

ରାଉରକେଲା (ପିଏନ୍): ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ଅଗଷ୍ଟ ୯ କ୍ରାନ୍ତି ଦିବସଠାରୁ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶବ୍ୟାପି ଆରମ୍ଭ କରାଯାଇଥିବା ଗୌରବ ପଦଯାତ୍ରାରେ ସ୍ୱତନ୍ତ୍ରତା ସେନାନୀମାନଙ୍କ ଅନନ୍ୟ ତ୍ୟାଗ ଓ ବଳିଦାନକୁ ସ୍ମରଣ କରିବା ସହିତ ଏହି ପଦଯାତ୍ରା ସେମାନଙ୍କ ପ୍ରତି ଉପଯୁକ୍ତ ସମ୍ମାନ ବୋଲି ଦଳ ତରଫରୁ କୁହାଯାଇଛି । ଏହି ପରିପ୍ରେକ୍ଷୀରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଗୌରବ ପଦଯାତ୍ରା ଟିମ୍ବର କଲୋନୀ ସ୍ଥିତ ବିଏସ୍‌ଏନ୍‌ଏଲ୍ ଛକ ନିକଟରୁ ବାହାରି ଗୋପବନ୍ଧୁପାଲ୍ଲୀ, ରେଲୱେ କଲୋନୀ, ଇନ୍ଦିରା ନଗର, ରାଜୀବ ନଗର, ମାଲଗୋଦାମ, ବାସନ୍ତୀ ନଗର, ଡିଏଭି ଛକ, ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଛକ ମଧ୍ୟ ଦେଇ ଚିନ୍ମୟ ବିଦ୍ୟାଳୟ ଛକଠାରେ ଅବସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ସମାପନ ହୋଇଥିଲା । ଜିଲ୍ଲା କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷ ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପଦଯାତ୍ରାରେ ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ ଯୋଗ ଦେଇ ଆଜିର କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ପଦଯାତ୍ରା ସମୟରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ସ୍ୱାଧୀନତା ଆନ୍ଦୋଳନରେ ବିଶିଷ୍ଟ ନେତୃବୃନ୍ଦଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଏକ ପ୍ରଚାରପତ୍ରରେ ଉଲ୍ଲେଖ କରି ସାଧାରଣ ଲୋକଙ୍କୁ ବିତରଣ କରିଥିଲେ । ସ୍ୱାଧୀନତା ପରେ କିପରି ଗାନ୍ଧୀଜୀଙ୍କ ମାର୍ଗଦର୍ଶନରେ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ, ଲାଲାବାହାଦୁର ଶାସ୍ତ୍ରୀ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଡ.ବାବାସାହେବ ଆମ୍ବେଦକର ଓ ମୌଲାନା ଆଜାଦ ପ୍ରମୁଖ ଆଧୁନିକ ଭାରତର ଭିତ୍ତି ପ୍ରସ୍ତର ସ୍ଥାପନ କରି ଦେଶକୁ ବିକାଶ ପଥରେ ଆଗେଇ ନେଇଥିଲେ ସେ ସମ୍ପର୍କରେ ପ୍ରଚାର ପତ୍ରରେ ଉଲ୍ଲେଖ କରାଯାଇଛି । ତେବେ ସମ୍ପ୍ରତି ଦେଶରେ ଶାସନ କରୁଥିବା ବିଜେପି ସରକାର କିଭଳି ସାଧାରଣ ଲୋକଙ୍କ ମଧ୍ୟରେ ଥିବା ସଦ୍‌ଭାବ ନଷ୍ଟ କରି ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟି କରୁଛନ୍ତି ଏବଂ ନିଜର କିଛି କର୍ପୋରେଟ୍ ମିତ୍ରଙ୍କ ସ୍ୱାର୍ଥରକ୍ଷା ପାଇଁ ଦେଶର ମୂଲ୍ୟବାନ ସମ୍ପତ୍ତିକୁ ବିକ୍ରି କରୁଛନ୍ତି ସେ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରାଯାଇଥିଲା । ସାଧାରଣ ଲୋକେ ସମ୍ପ୍ରତି ସ୍ୱେଚ୍ଛାଚାରୀ ଅହଂକାରୀ ମୋଦି ସରକାରଙ୍କୁ ଉପଯୁକ୍ତ ଜବାବ ଦେଇ ଦେଶର ସମ୍ବିଧାନ ଓ ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଏହି ଅବସରରେ କଂଗ୍ରେସ ତରଫରୁ ଆହ୍ୱାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ରଘୁନାଥପାଲ୍ଲୀର ପ୍ରଶାନ୍ତ ସେଠୀ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପୂର୍ବତନ ପିସିସି ସମ୍ପାଦକ ସବୀର ହୁସେନ, ଗଣେଶ ପ୍ରଧାନ, ରଶ୍ମୀରଂଜନ ପାଢୀ, ଉପସଭାପତି ସନ୍ତୋଷ ବିଶ୍ୱାଳ, କୀର୍ତ୍ତନ ଦାସ ଓ ଉମେଶ ଶରଣ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂହ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ ଓ ବିଜୟ ଆପଟ, ମୁଖପାତ୍ର କୈଳାସ ସାହୁ ଓ ଗିରିଜା ମିଶ୍ର, ଓବିସି ଅଧ୍ୟକ୍ଷ ତ୍ରୈଲୋଚନ ସାହୁ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ ଓ ବିଶ୍ୱଜିତ ସାହୁ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲୀପ ଜେନା, ରୁକସାନା ବେଗମ, ବିନୋଦ ପଟ୍ଟନାୟକ, ସମ୍ପାଦକ ପ୍ରତିମା ପାଣିଗ୍ରାହୀ, ଅମ୍ରିତ କୌର, ଯୁବନେତା ସେଖ ସମୀର, ସେବାଦଳର ବୁଲୁ ଦାସ, ବରିଷ୍ଠ ନେତା କୈଳାସ ବିଶୋୟୀ, ଲିଙ୍ଗରାଜ ମହାନ୍ତି, ବସନ୍ତ ସାମଲ, ବନଲତା ବେହେରା, ଝୁନୁ ପଟ୍ଟନାୟକ, ରେହେମାନ ଖାନ, ସୁବଳ ବାସୁରୀ, ଦୀପକ ପଣ୍ଡା, ଅମୀୟ ଦାସ, ମାନୁ ସାମଲ, କେଏସ୍‌ଏନ୍ ମୂର୍ତ୍ତି, ମୋତିଲାଲ ସାହୁ, ଡେଭିଡ ପ୍ରଧାନ, ରାଜୁ ପ୍ରସାଦ, ସୁଧୀର ଚୌହାନ, ସାକିର ହୁସେନ, ବିବେକ ସାହୁ, ଏସ୍‌ସି ସେଲ୍‌ର ଆଦେଶ ସୁନା ଓ ଶ୍ୟାମ ସାଗର ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ବନ୍ୟାବିପନ୍ନମାନଙ୍କୁ ଉଦ୍ଧାର ଓ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ କିଷାନ କଂଗ୍ରେସର ଦାବୀ

ଭୁବନେଶ୍ୱର (ପିଏନ୍)-ମହାନଦୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା ପ୍ରଭୃତି ନଦୀ ଓ ତାର ଶାଖା ନଦୀରେ ପ୍ରବଳ ବନ୍ୟା ପ୍ରବାହ ଯୋଗୁଁ ରାଜ୍ୟର ୧୦ ଗୋଟି ଜିଲ୍ଲାର ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଘୋର ଦୁର୍ଦ୍ଦଶା ମଧ୍ୟରେ ପାଣି ଘେରରେ ରହିଛନ୍ତି । ବନ୍ୟା ପରିସ୍ଥିତି ଅତ୍ୟନ୍ତ ସଙ୍ଗୀନ । ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁଁ ପୂର୍ବ ନିର୍ମିତ ବନ୍ଧବାଡଗୁଡ଼ିକ ଦୁର୍ବଳ ଥିବାରୁ ଅଧିକାଂଶ ସ୍ଥାନରେ ଏବେ ଘାଇ ସୃଷ୍ଟି ହୋଇଛି । ଫଳରେ ଅନେକ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ପ୍ରଶାସନ ତରଫରୁ ଉଦ୍ଧାର କାର୍ଯ୍ୟ ପ୍ରତି ଅଦ୍ୟାବଧି ସେପରି ଗୁରୁତ୍ୱ ଦିଆଯାଉ ନାହିଁ । ବନ୍ୟାଜଳ ନିୟନ୍ତ୍ରଣ କରିବାରେ ସରକାରଙ୍କ ଅସଫଳତା ପଦାରେ ପଡ଼ିଛି । ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବାବେଳେ ନଦୀବନ୍ଧ ଦୁର୍ବଳ ପାଇଁ ରାଜ୍ୟ ସରକାରଙ୍କୁ ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଦାୟୀ କରିଛନ୍ତି । ତତ୍‌କ୍ଷଣାତ୍ ବିପନ୍ନ ଲୋକଙ୍କୁ ଥଇଥାନ ଓ ସହାୟତା ଯୋଗାଇବାରେ ସରକାର ଓ ପ୍ରଶାସନର କଚ୍ଛପ ଗତିରେ ବ୍ୟବସ୍ଥା ଚାଲିଛି । ବନ୍ୟା ଯୋଗୁଁ ହଜାର ହଜାର ହେକ୍ଟର ଚାଷଜମିରେ ବାଲିଚର ମାଡ଼ିଯାଇଛି । ଚଳିତ ଚାଷରେ ବହୁ କଷ୍ଟରେ ବିହନ ଓ ତଳିରେ ଖର୍ଚ୍ଚ କରିଥିବା ଚାଷୀ ଏବେ ବେ-ସାହାରା । ତେଣୁ ସରକାର ଚାଷୀଙ୍କ ବିକାଶ ପାଇଁ ଖାଲି ପ୍ରଚାର ପ୍ରସାରକୁ ଗୁରୁତ୍ୱ ନ ଦେଇ ବାସ୍ତବ କ୍ଷେତ୍ରରେ ବିପନ୍ନମାନଙ୍କ ତୁରନ୍ତ ରିଲିଫ୍ ସାମଗ୍ରୀ ପ୍ରଦାନ, ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ, ଆବଶ୍ୟକ ଔଷଧ ପତ୍ର ଯୋଗାଣ, ମାଗଣାରେ ଗୋରୁ ଗାଈଙ୍କ ଖାଦ୍ୟ ଯୋଗାଣ ଏବଂ ପାଣି ଛାଡ଼ିବା ପରେ ଫସଲ କ୍ଷତିଗ୍ରସ୍ତ ଚାଷ ଜମିର ସଠିକ୍ ଅନୁଧ୍ୟାନ କରି ରାଜ୍ୟ ସରକାର ତୁରନ୍ତ ପ୍ରତି ଏକର ପିଛା କ୍ଷତିଗ୍ରସ୍ତ ଚାଷୀଙ୍କୁ ୩୦ ହଜାର ଟଙ୍କା କ୍ଷତିପୂରଣ ସହାୟତା, ଦୁର୍ବଳ ନଦୀବନ୍ଧଗୁଡ଼ିକର ସୁଦୃଢ଼ୀକରଣ, ସବୁ ଚାଷୀଙ୍କଠାରୁ କୃଷି ଋଣ ଛାଡ଼, ବିନା ସୁଧରେ କୃଷିଋଣ ଓ ତଳି, ଉନ୍ନତ ବିହନ ଓ ସାର ମାଗଣାରେ ଯୋଗାଇ ଦେବାକୁ କିଷାନ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ, ଓ ବିଭିନ୍ନ ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ଭଗବାନ ଜେନା, ବିଜୟ କୁମାର ସ୍ୱାଇଁ, ନିରଞ୍ଜନ ବେହେରା, ସଦାନନ୍ଦ ଓଝା, ନରନାରାୟଣ ଜେନା, ନାରାୟଣ ପରିଡ଼ା, ବସନ୍ତ କୁମାର ମହାରଣା, ଧ୍ରୁବ ଚରଣ ପରିଡ଼ା ପ୍ରମୁଖ ଦୃଢ଼ ଦାବୀ କରିଛନ୍ତି ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତ୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠିରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଧାମରାରେ ନଳକୂପ ପାଇପ ଚୋର ସକ୍ରୀୟ, ପୁରୁଣା ନଳକୂପରୁ ପାଇପ ଉଠାଇ କର୍ମଚାରୀ ମାଲେମାଲ

ଭଦ୍ରକ, (ପି.ଏନ): ଭଦ୍ରକ ଜିଲା ଧାମରା ଅଂଚଳରେ ପାଇପ ଚୋର ସକ୍ରୀୟ ଆଉ ଖୋଦ ପଂଚାୟତ ସମିତ କାର୍ଯ୍ୟାଳୟରେ ଜଣେ ସ୍ଥାୟୀ କର୍ମଚାରୀ ଏଥିରେ ଲିପ୍ତ ଥିବା ବେଳେ ତାଙ୍କୁ ସହ ଯୋଗ କରିବାରେ ଅଂଟା ଭିଡିଛନ୍ତି ପଂଚାୟତ ଦ୍ୱାରା ଅସ୍ଥାୟୀ ନିଯୁକ୍ତି ପାଇଥିବା କିଛି କର୍ମଚାରୀ । ଖୋଦ ବିଭାଗୀୟ କର୍ମଚାରୀ ହୋଇଥିବାରୁ ସାଧାରଣ ଲୋକଙ୍କୁ ଭୂଆଁ ବୁଲାଇ ଲଗାତର ବିଭିନ୍ନ ଅଂଚଳରୁ ପୁରୁଣା ନଳକୂପ ରୁ ପାଇପ ଉଠାଇ ଏହାର ବିଭିନ୍ନ ସରଞ୍ଜାମକୁ କବାଡିଆ ଦୋକାନରେ ବେଆଇନ ଭାବେ ବିକ୍ରୀ କରି ବେଶ ଲାଭବାନ ହେଉଥିବା ଏହି କର୍ମଚାରୀ ନିଜ ଉପରୁ ଦୋଷ ଓହ୍ଲାଇବା ପାଇଁ କେତେବେଳେ ପଂଚାୟତ କର୍ମଚାରୀ ତ କେତେବେଳେ ବିଭାଗୀୟ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏହି ପାଇପ୍ ଉଠାଯାଉଛି ବୋଲି ଲୋକଙ୍କୁ କହି ବୁଲୁଛନ୍ତି । ଗ୍ରାମାଂଚଳରେ ବିଶୁଦ୍ଧ ଜଳ ଯୋଗାଣ ପାଇଁ ଜଳ ଓ ପରିମଳ ବିଭାଗ ଚାନ୍ଦବାଲି ପକ୍ଷରୁ ବ୍ଲକରେ ବିଭିନ୍ନ ପଂଚାୟତରେ ଆରଡବ୍ଲୁଏସଏସ ପକ୍ଷରୁ ବସାଯାଇଥିବା ନଳକୂପର ରକ୍ଷଣାବେକ୍ଷଣା ପାଇଁ ପ୍ରତି ପଂଚାୟତ ପକ୍ଷରୁ ଜଣେ ଜଣେ ଅସ୍ଥାୟୀ କର୍ମଚାରୀ ନିଯୁକ୍ତି ପାଇଛନ୍ତି । ଲବଣାକ୍ତ ଅଂଚଳ ଭାବେ ପରେଚିତ ଚାନ୍ଦବାଲି ବ୍ଲକର ପ୍ରତି ୨୨ ପରିବାରକୁ ଗୋଟିଏ ନଳକୂପ ଯୋଗାଇ ଦିଆଯାଉଥିବା ବେଳେ ଅଧିକାଂଶ ନଳକୂପ ସ୍ଥାପନ ହେବାର ମାସ କେତେଟା ପରେ ଏହା ଅଚଳ ହୋଇଯିବାର ନଜର ଆସୁଛି । ସମୁଦ୍ର, ନଦୀନାଳ ଘେରା ଚାନ୍ଦବାଲି ବ୍ଲକର ବିଶୁଦ୍ଧ ପାଣି ଟୋପେ ପାଇଁ ଲୋକେ ତହଳ ବିକଳ ହେଉଥିବା ବେଳେ ଅଧିକାଂଶ ଗ୍ରାମରେ ନଳକୂପ ପାଣି ପାଇଁ ଲୋକଙ୍କୁ ୧କିମି ଦୂର ଅନ୍ୟ ଗ୍ରାମର ଥିବା ନଳକୂପ ଉପରେ ନିର୍ଭର କରିବାକୁ ପଡୁଛି । ।ତେବେ ପୁରୁଣା ନଳକୂପ ମରାମତି କରିବା ବଦଳରେ କିଛି ଅସାଧୁ ବିଭାଗୀୟ କର୍ମଚାରୀ ଏହି ନଳକୂପ ମାନଙ୍କରୁ ବିଭିନ୍ନ ସାମଗ୍ରୀ ସହିତ ବ୍ୟବହୃତ ପାଇପ ଉଠାଇ ଚୋରାରେ ବିକ୍ରୀ କରି ନିଜ ନିଜ ପକେଟ ଗରମ କରୁଥିବା ଦେଖିବାକୁ ମିଳିଛୁ । ଧାମରା ପଂଚାୟତରେ ଥିବା ବିଭାଗୀୟ କର୍ମଚାରୀ ବିଭିନ୍ନ ପଂଚାୟତରେ ଅଚଳ ହୋଇ ପଡିଥିବା ନଳକୂପରୁ ପାଇପ ସହିତ ଆନୁସଙ୍ଗିକ ସାମଗ୍ରୀ କବାଡିଆ ଦୋକାନକୁ ବିକ୍ରୀ କରିବା ନଜରକୁ ଆସୁଛି । ତେବେ ଗତକାଲି ଧାମରା ବଜାର ମଧ୍ୟରେ ଥିବା ଏକ ଅଚଳ ନଳକୂପରୁ ବିଭିନ୍ନ ସାମଗ୍ରୀ କବାଡିଆ ଦୋକାନରେ ବିକ୍ରୀ କରିବା ସହିତ ପାଇପ ଉଠାଇବା ସମୟରେ କିଛି ଲୋକ ଏହାକୁ ବିରୋଧ କରିବାରୁ ଏହା ବିଭାଗୀୟ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ କରାଯାଉଛି ବୋଲି ସମ୍ପୃକ୍ତ କର୍ମଚାରୀ ଏହାକୁ ସଫେଇ ଦେଇଛନ୍ତି । ତେବେ ଏ ନେଇ ଆରଡବ୍ଲୁଏସଏସ ଯନ୍ତ୍ରୀ ଙ୍କ ମତାମତ ନେବାରୁ ଏପରି ନିର୍ଦ୍ଦେଶ ସଂପୃକ୍ତ କର୍ମଚାରୀଙ୍କୁ ଦିଆଯାଇ ନାହିଁ ଯଦି ଏହା ସତ ହୋଇଥାଏ ତେବେ ନିଶ୍ଚିତ ତାଙ୍କ ଉପରେ ଦୃଢ କାର୍ଯ୍ୟାଉନୁଷ୍ଠାନ ନିଆଯିବ ବୋଲି ସୁଚନା ଦେଇଛନ୍ତି ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ । ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ ।

# ଭାରତଛାଡ ଆନ୍ଦୋଳନର ବୀରତ୍ୱ ସଂଗ୍ରାମ 'ଭଣ୍ଡାରିପୋଖରୀ ଥାନାପୋଡ଼ି'

ଭଦ୍ରକ,(ପି.ଏନ):୧୯୪୨ ମସିହା 'ଭଣ୍ଡାରିପୋଖରୀ ଥାନାପୋଡି'ର ୮୦ତମ ସ୍ମାରକୀ ଉତ୍ସବ ଆଜି କହରାପୋଖରୀ କ୍ରାନ୍ତୀ ମଇଦାନ ଓ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି । ୧୯୪୨ ଅଗଷ୍ଟ ୧୭ରେ ସ୍ଥାନୀୟ ସଂଗ୍ରାମୀମାନଙ୍କ ଦ୍ୱାରା ସଂଘଟିତ ହୋଇଥିବା 'ଭଣ୍ଡାରିପୋଖରୀ ଥାନାପୋଡ଼ି' ଗୌରବମୟ ଘଟଣା ଭାରତୀୟ ସ୍ୱାଧିନତା ସଂଗ୍ରାମ ଇତିହାସରେ ଅନନ୍ୟ ବୋଲି ମତ ପ୍ରକାଶ କରାଯାଇଛି । କାର୍ତ୍ତିକ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ମୁଖ୍ୟଅତିଥି, ସ୍ୱାଧିନତା ସଂଗ୍ରାମୀ ଶ୍ୟାମସୁନ୍ଦର ବେହେରା, ବ୍ରଜକିଶୋର ରାଉତ, ବୈଲୋଚନ ଜେନା, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପୁଲିସ ଅଧିକ୍ଷକ ଚରଣସିଂ ମୀନା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା, ବିଧାୟକ ପ୍ରତିନିଧି ପ୍ରୟାସକାନ୍ତି ସାମଲ, ବିଜେପି ନେତା ବଦ୍ରୀନାରାୟଣ ଧଳ, ଦକ୍ଷିଣବାଡ ସରପଞ୍ଚ ବର୍ଷାରାଣୀ ଜେନା, ସମିତି ସଭ୍ୟ ବିଷ୍ଣୁଚରଣ ଦାସ, ଥାନାଧିକାରୀ ଅମିତାଭ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କ୍ରାନ୍ତୀ ମଇଦାନ ଓ ଥାନାପୋଡି ସ୍ମୃତିସ୍ତମ୍ଭର ବିକାଶ ପାଇଁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।

# ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠରେ ମେଧା ସମ୍ବର୍ଦ୍ଧନା ଉତ୍ସବରେ ମୋ ସ୍କୁଲ ଅଭିଯାନକୁ ଦାନ କଲେ ୧୦ଲକ୍ଷ

ଭଦ୍ରକ, (ପି.ଏନ): ଏହି ଜିଲାର ଧାମରା ନିକଟସ୍ଥ କଇଥଖୋଲା ଠାରେ ଥିବା ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠରେ ମେଧା ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଚଳିତ ବର୍ଷ ମେଟ୍ରିକ ପରୀକ୍ଷାରେ ଏ ଗ୍ରେଡ ପାଇଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଜିର ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅପୂର୍ବ ପଟ୍ଟନାୟକ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠର ସଭାପତି ବନବିହାରୀ ମାଇତି ଯୋଗ ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ସେକ ମାଲେକୁଦିନ ,ସଂଧ୍ୟାରାଣୀ ପଟ୍ଟନାୟକ, ସେକ ବାକର ଅଲ୍ଲୀ, ବାୟୁସେନାରୁ ଅବ୍ୟାହତି ନେଇଥିବା ଅଶୋକ ପଣ୍ଡିତ , ସୁକୁମାର ସାମନ୍ତ,ସୁଧୀର ଚନ୍ଦ୍ର ଗିରି ପ୍ରମୁଖ ଯୋଗ ଦେଇଥିଲେ । ଆଜିର ଏହି ବର୍ଣାଢ୍ୟ ଉତ୍ସବରେ ଚଳିତ ବର୍ଷ ମେଟ୍ରିକ ପରୀକ୍ଷାରେ ସୋହେନ ଅଲ୍ଲୀ ଖାଁ( ୫୬୨ ),ସୁମିତ୍ରା କର(୫୪୫) ଏବଂ ଶୁଭଲକ୍ଷ୍ମୀ ରାଉତ(୫୪୪) ନମ୍ବର ରଖି ଉତୀର୍ଣ ହୋଇଥିବା ବେଳେ ସେମାନଙ୍କୁ ରୌପ୍ୟ ପଦକ ଏବଂ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା । ଏଥିସହ ବାୟୁସେନାରୁ ଅବ୍ୟାହତି ନେଇଥିବା ଅଶୋକ ପଣ୍ଡିତ ପ୍ରତ୍ୟେକଙ୍କୁ ୩ହଜାର ଟଙ୍କାର ଚେକ ପ୍ରଦାନ କରିବା ସହ ଆଗାମୀ ଦିନର ସମସ୍ତ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଆଜିର ଏହି ବର୍ଣାଢ୍ୟ ସମାବେଶରେ ଏହି ଅଂଚଳର ପରିଚିତ ଚେହେରା ଅପୂର୍ବ କୁମାର ପଟ୍ଟନାୟକ ଏହି ବିଦ୍ୟାଳୟଟି ୫ ଟି ରେ ଅର୍ନ୍ତଭୁକ୍ତ ହୋଇଥିବା ବେଳେ ବିଦ୍ୟାଳୟର ଉତୋରତର କାମନା କରିଥିବା ବେଳେ କିଛି ବାକି ରହିଯାଇଥିବା କାର୍ଯ୍ୟ କୁ ସଂପୂର୍ଣ କରିବା ପାଇଁ ଏହି ବିଦ୍ୟାଳୟକୁ ମୋ ସ୍କୁଲ ଅଭିଯାନରେ ୧୦ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ । ସେ ଏହି ଚେକ ଟିକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତରୁଣ କୁମାର ଦାସଙ୍କୁ ପ୍ରଦାନ କରିଥିଲେ । ଆଜିର ଏହି ସଭାକୁ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶ୍ରୀଧର ସ୍ୱାଇଁ ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ , ଅଭିଭାବକ ଏବଂ ବିଦ୍ୟାଳୟର ପରିଚାଳନା ମଣ୍ଡଳୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ ପ୍ରଧାନ ଶିକ୍ଷକ ତରୁଣ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡେଙ୍ଗାତୋଟା ଶ୍ମଶାନର ଆଧୁନିକରଣ ଓ ପୁନରୁଦ୍ଧାର ପାଇଁ ଭିତିପ୍ରସ୍ତର ଦେଲେ ବିଧାୟକ

ଜୟପୁର,(ପି.ଏନ): ଜୟପୁର ଲକ୍ଷ୍ମୀପଣ୍ଡା ଛକ ନିକଟରେ ଥିବା ଡେଙ୍ଗାତୋଟା ଶ୍ମଶାନର ଆଧୁନିକରଣ ଓ ପୁନରୁଦ୍ଧାର ପାଇ ଭିତି ପ୍ରସ୍ତର ସ୍ଥାପନ କରାଯାଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତି ପ୍ରସ୍ତର ସ୍ଥାପନ କରଛନ୍ତି । ୧ କୋଟି ଟଙ୍କା ବିନିମୟରେ ଜୟପୁର ପୌର ପାଳିକା ଦ୍ୱାରା ଶ୍ମଶାନର ଆଧୁନିକ କରଣ କରାଯିବ । ଶିବ ମୁର୍ତି,ଶବ ପୋଡାଇବା ପାଇ ବିଦ୍ୟୁତ ଚାଳିତ ଚୁଲା, ଲାଇଟର ବ୍ୟବସ୍ଥା, ଗାଧେଇବା ପାଇ ବ୍ୟବସ୍ଥା, ଟୋୟଲେଟ ଡ୍ରେନ, ଗାର୍ଡେନ ଆଦ କରାଯାଇ ଆଧୁନିକକରଣ କରାଯିବ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାବଙ୍କ ମଧରେ ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ବି . ସୁନିତା, ଉପ ଜିଲାପାଳ ବେଦ ବର ପ୍ରଧାନ, ଏସଡିପିଓ ଅରୁପ ଅଭିଷେକ ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, କାଉନସିଲର, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଗଷ୍ଟ ୨୦ ରୁ ଜିଲ୍ଲାରେ ଭୀମଭୋଇ ସାମର୍ଥ୍ୟ ଅଭିଯାନ ଶିବିର ଆରମ୍ଭ

ଭଦ୍ରକ,(ପି.ଏନ): ସରକାରୀ ନିର୍ଦ୍ଦେଶମତେ ଜିଲ୍ଲାର ୭ଟି ଯାକ ବ୍ଲକରେ ଭୀମଭୋଇ ସାମର୍ଥ୍ୟ ଅଭିଯାନ ଶିବିର ଆୟୋଜନ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ପ୍ରସ୍ତୁତି ସରିଛି । କୋଭିଡ୍ ନିୟମ ଅନୁପାଳନ ଆଧାରରେ ଏହି ଶିବିର ଆୟୋଜନ ନେଇ ସମସ୍ତ ବି.ଡ଼ି.ଓ.ମାନଙ୍କୁ ସୂଚନା ପ୍ରଦାନ କରାଯାଇଛି । ଅଗଷ୍ଟ ମାସର ୨୦ ତାରିଖରେ ଭଣ୍ଡାରିପୋଖରୀ ବ୍ଲକ୍ ପାଇଁ ଭଣ୍ଡାରିପୋଖରୀ ଜୁନିୟର କଲେଜରେ, ୨୩ରେ ଭଦ୍ରକ ପୌରାଞ୍ଚଳ ପାଇଁ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ଭଦ୍ରକରେ, ୨୪ରେ ଚାନ୍ଦବାଲି ବ୍ଲକ ଓ ଏନ୍.ଏ.ସି. ପାଇଁ ମତୋ ସରକାରୀ ଉଚ୍ଚ ବିଦ୍ୟାଳୟରେ, ୨୫ରେ ବନ୍ତ ବ୍ଲକ ପାଇଁ ନେହେରୁ ସରକାରୀ ଉଚ୍ଚ ବିଦ୍ୟାଳୟ ଗଣିଜାଙ୍ଗ, ୨୬ରେ ଧାମନଗର ବ୍ଲକ ଓ ଏନ୍.ଏ.ସି. ପାଇଁ ଶହିଦନଗର ହାଇସ୍କୁଲ କଟ୍‌ସାହି , ୩୦ରେ ତିହିଡ଼ି ବ୍ଲକ୍ ପାଇଁ ତିହିଡ଼ି କଲେଜ୍, ସେପ୍ଟେମ୍ବର ମାସର ୨ ତାରିଖରେ ଭଦ୍ରକ ବ୍ଲକ୍ ପାଇଁ ୟୁ.ଏନ୍.ହାଇସ୍କୁଲ, ଜଳଙ୍ଗା, ଗେଲଟୁଆ, ୩ରେ ବାସୁଦେବପୁର ବ୍ଲକ୍ ପାଇଁ ଏ.ବି.କଲେଜ ବାସୁଦେବପୁର, ୭ରେ ବାସୁଦେବପୁର ପୌରାଞ୍ଚଳ ପାଇଁ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ଏହି ଶିବିର ଆୟୋଜିତ ହେବ । ଏହି ଶିବିରକୁ ଆସିବାକୁ ଥିବା ଦିବ୍ୟାଙ୍ଗମାନଙ୍କ ପରୀକ୍ଷା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦ୍ୱାରା ବିଶେଷଜ୍ଞ ଡ଼ାକ୍ତରମାନଙ୍କୁ ପ୍ରେରଣ କରାଯିବାର ବ୍ୟବସ୍ଥା କରାଯାଇଛି । ପ୍ରମାଣପତ୍ର ପାଇ ନଥିବା ଦିବ୍ୟାଙ୍ଗମାନେ ଏହି ଶିବିରକୁ ଆସି ଡ଼ାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇ ପ୍ରମାଣପତ୍ର ପାଇବାକୁ ନାମ ତାଲିକା ଭୁକ୍ତ କରାଇ ସୁଯୋଗ ନେଇପାରିବେ । ଏଥିପାଇଁ ଉଦ୍ଦିଷ୍ଟ ୟୁଡ଼ିଆଇଡ଼ି ପୋର୍ଟାଲରେ ପୂର୍ବରୁ ପଞ୍ଜିକରଣ କରିଥିବା ନବୀକରଣ ହୋଇନଥିବା ଦିବ୍ୟାଙ୍ଗମାନେ ମଧ ଏହି ଶିବିରକୁ ଆସି ନବୀକରଣ କରାଇ ନେବାର ସୁବିଧା ପାଇପାରିବେ । ଉଲ୍ଲେଖଯୋଗ୍ୟକି ବିଶେଷ କରି ଶୂନ ରୁ ୬ବର୍ଷ ପର୍ଯ୍ୟନ୍ତ ପୂର୍ବରୁ ସର୍ଭେ ଅନୁଯାୟୀ ଚିହ୍ନିତ ଶିଶୁମାନଙ୍କୁ ଏହି ଶିବିରରେ ପରୀକ୍ଷା କରାଯାଇ ପ୍ରମାଣପତ୍ର ସହ ଶୀଘ୍ର ଚିହ୍ନଟ ଓ ପ୍ରତିକାରାତ୍ମକ ଚିକିତ୍ସା ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି । ଜିଲ୍ଲା ପ୍ରଶାସନର ସାମାଜିକ ସୁରକ୍ଷା ଅନୁଭାଗ ଦ୍ୱାରା ଏହି ଶିବିର ଆୟୋଜନ ନେଇ ପ୍ରସ୍ତୁତି କରାଯାଇଛି।

## ୩୫ ହଜାର ଟଙ୍କା ଲାଂଚ ନେଇ ଭିଜିଲାନ୍ସ ଦ୍ୱାରା ଲାମ୍ପସ୍ ଏମଡି ଗିରଫ

ଜୟପୁର, (ପି.ଏନ): ବନ୍ଧୁଗାଁ ବ୍ଲକ୍ ଅନ୍ତର୍ଗତ ଆଲମୋଣ୍ଡା ଅଂଚଳସ୍ଥିତ ଲାମ୍ପସ୍ ର ପରିଚାଳନା ନିର୍ଦ୍ଦେଶକ ଆର. ରାମକୃଷ୍ଣ ଙ୍କୁ ଲାଂଚ ନେବା ଅଭିଯୋଗରେ ଭିଜିଲାନ୍ସ ଗିରଫ କରିଛି । ଜଣେ ଧାନ ଚାଷୀଙ୍କ ଠାରୁ ୩୫,୦୦୦ ଟଙ୍କା ଲାଂଚ ମାଗିଥିଲେ ଏବଂ ଗ୍ରହଣ କରିଥିଲେ । ଗତ କ୍ରୟ ଋତୁରେ ତାଙ୍କଠାରୁ ଧାନ କ୍ରୟ କରାଯାଇଥିଲା, ଆଗାମୀ ଖରିଫ ଋତୁରେ ଧାନ ବିକ୍ରୟ କରିବାକୁ ତାଙ୍କୁ ମଣ୍ଡିରେ ପଞ୍ଜୀକୃତ ନକରିବାକୁ ଧମକ ଦେଇଥିଲେ । ଲାଞ୍ଚ ଟଙ୍କା ଅଭିଯୁକ୍ତଙ୍କ ନିକଟରୁ ଉଦ୍ଧାର କରାଯାଇଛି । ଏ ନେଇ କୋରାପୁଟ ଭିଜିଲାନ୍ସ କେସ୍ ନମ୍ବର ୨୭/୨୦୨୨ ରେ ଏକ ରେଜିଷ୍ଟ୍ରେସନ୍ ହୋଇଛି ।ଅଧିକ ଅନୁସନ୍ଧାନ ଜାରି ରହିଛି ବୋଲି ଭିଜିଲାନ୍ସ ପକ୍ଷରୁ ପ୍ରକାଶ କରାଯାଇଛି । ଭିଜିଲାନ୍ସ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ବଲାଙ୍ଗିର ଦିନକୁ ସରକାରୀ ମାନ୍ୟତା ପାଇଁ କଂଟାବାଞ୍ଜି ବିଧାୟକଙ୍କୁ ଅନୁରୋଧ

ବଲାଙ୍ଗିର,(ପି.ଏନ): ନଭେମ୍ବର ୧ ବଲାଙ୍ଗିର ଦିନ ସରକାରୀ ମାନ୍ୟତା ପ୍ରଦାନ କରିବା ପାଇଁ କଂଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ସୁପାରିଶ କରିବା ପାଇଁ ବଲାଙ୍ଗିର ଦିନ୍ ପାଳନ କମିଟି ପକ୍ଷରୁ ଯାଦବ ଭବନ ପରିସରେରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବାରୁ ନିବେଦନ କରାଯାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଅନେକ ବିଚାର ବିମର୍ଶ ପରେ ଗତ ବର୍ଷ ନଭେମ୍ବର ୧ କୁ ବଲାଙ୍ଗିର ଦିନ ଭାବେ ପାଳନ କରିବା ପାଇଁ ନିଷ୍ପତି ନିଆଯାଇ ପ୍ରଥମ କରି ପାଳନ କରାଯାଇଥିଲା । ଉତ୍ସବକୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ କମିଟି ଦାବୀ କରି ଆସୁଛି । ପୂର୍ବରୁ ପ୍ରାୟ ସମସ୍ତ ବିଧାୟକ ଓ ସାଂସଦ ଙ୍କୁ ଏ ନେଇ ନିବେଦନ କରାଯାଇଛି । ବଲାଙ୍ଗିର ଜିଲ୍ଲାପାଳ ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ୮ ଚିଠି ପ୍ରଦାନ କରିସାରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉପଦେଷ୍ଟା ରତନ ମହାରଣା ଓ ପ୍ରଭାସ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲେ ।


MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

## ଜୀବନ ଜୀବିକାରେ ପରିବର୍ତ୍ତନ ଆଣିଛି ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ପୋଖରୀ ଚାଷ



ଯୋଡା,(ପି.ଏନ):ଟାଟା ଷ୍ଟିଲ୍ ଲିମିଟେଡ୍‌ର ସିଏସ୍ଆର ସଂସ୍ଥା ଟାଟା ଷ୍ଟିଲ ଫାଉଣ୍ଡେସନ୍ (ଟିଏସ୍ଏଫ୍) କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲାରେ ଏହାର କାର୍ଯ୍ୟକ୍ଷେତ୍ର ପାର୍ଶ୍ୱବର୍ତ୍ତି ଅ□ଳର ଲୋକମାନଙ୍କ ଚାଷ ପାଇଁ ବ୍ୟବହୃତ ହେଉଥିବା ପୋଖରୀ ଖୋଳି ସେମାନଙ୍କୁ ଦୀର୍ଘସ୍ଥାୟୀ ଜୀବନଜୀବିକା ପ୍ରଦାନ ଦିଗରେ ଏକ ବିରାଟ ପରିବର୍ତ୍ତନ ଆଣିପାରିଛି । ଗତ ଗୋଟିଏ ବର୍ଷ ମଧ୍ୟରେ ଟିଏସ୍ଏଫ୍ ପକ୍ଷରୁ ୪୪ଟି ବ୍ୟକ୍ତିଗତ ଚାଷ ପୋଖରୀ ଖୋଳାଯିବା ଫଳରେ ଏହି ଅଂଚଳରେ ରହୁଥିବା ପରିବାର ଆର୍ଥିକ ରୂପେ ସଶକ୍ତ ହେବା ସହିତ ଏହା ସେମାନଙ୍କ ଜୀବନ ଧାରଣ ମାନର ସାମାଜିକ-ଅର୍ଥନୈତିକ ଦିଗରେ ପରିବର୍ତ୍ତନ ଆଣିବାରେ ସହାୟକ ହୋଇପାରିଛି । ଉପରୋକ୍ତ ଜିଲ୍ଲା ଗୁଡିକର ୪ଟି ଗ୍ରାମ ପଂଚାୟତର ୧୦ଟି ଗ୍ରାମରେ ପରିବ୍ୟାପ୍ତ ଏହି ପୋଖରୀ ଗୁଡିକୁ ବିଜ୍ଞାନ ସମ୍ମତ ଚାଷ ଆଧାରିତ ପ୍ରକଳ୍ପ ଏବଂ ପାରମ୍ପରିକ ଶସ୍ୟ ଚାଷ କରିବାରେ ବ୍ୟବହାର କରାଯାଉଛି । ବନ୍ଧୁବେଡା, ପଳସା ଖ, କୁନ୍ଦୁରୁପାଣି, ଜମୁନାପୋଷି, ଜଗନ୍ନାଥପୁର ଓ ବାଲିତା ଭଳି ଗ୍ରାମର ବାସିନ୍ଦାମାନେ ମକା, ହଳଦୀ ଓ ଅଦା ଭଳି ଲାଭଦାୟକ ଚାଷ କରିବାକୁ ଆଗେଇ ଆସିଛନ୍ତି । ତେବେ ବର୍ଷସାରା ଜଳର ସୁବିଧା ମିଳିବାରୁ ସ୍ଥାନୀୟ ଅଂଚଳର ମହିଳାମାନେ ମଧ୍ୟ ଶସ୍ୟ ଚାଷ ଓ ମତ୍ସ୍ୟ ଚାଷ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ପଳସା ଗ୍ରାମର ସମବାରୀ ମୁଣ୍ଡା କହିଛନ୍ତି ଯେ ପୂର୍ବରୁ ଆମର ଜମି ପଡିଆ ହୋଇ ରହୁଥିଲା । କିନ୍ତୁ ଟିଏମ୍ଏଫ୍ ଟିମ୍ ଏଥିରେ ହସ୍ତକ୍ଷେପ କରିବା ସହିତ ଆମକୁ ସମନ୍ୱିତ ଚାଷ ପାଇଁ ପ୍ରୋତ୍ସାହିତ କରିଛି । ତେବେ ପ୍ରଥମ ବର୍ଷ ମୋର ମକା ଓ ହଳଦୀ ଚାଷ ଭଲ ହେବ ବୋଲି ମୋର ଆଶା ରହିଛି । ଜଗନ୍ନାଥପୁର ଗ୍ରାମର ଜଣେ ବରିଷ୍ଠ ନାଗରିକ ଗିରିଧାରୀ ମାଝୀ କହିଛନ୍ତି ଯେ ପୋଖରୀ ଚାରିପଟେ ପାରମ୍ପରିକ ଓ ହାଇବ୍ରିଡ୍‌ଧାନ ଚାଷ ବ୍ୟତୀତ ଆମେ ବ୍ୟବସାୟୀକ ଭାବେ ପନିପରିବା ଚାଷ ମଧ୍ୟ ଆରମ୍ଭ କରିଛୁ । ପୋଖରୀ ଚାଷରେ ବତକ ତଥା ମାଛ ଚାଷ ବେଶ୍ ଲାଭଦାୟକ ବୋଲି ମୁଁ ଦେଖିବାକୁ ପାଇଛି । ଏକ ଦିର୍ଘସ୍ଥାୟୀ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ ପୋଖରୀ ଚାଷ ବ୍ୟବସ୍ଥା କରାଯାଇଥିବା ବେଳେ ଏହାଦ୍ୱାରା ଖଣି ପାର୍ଶ୍ୱବର୍ତ୍ତି ଅଂଚଳରେ ଜଳ ସଂରକ୍ଷଣ, ଭୂତଳ ଜଳ ରିଚାର୍ଜିଂ ଏବଂ କୃଷିକୁ ମଧ୍ୟ ପ୍ରୋତ୍ସାହନ ଦିଆଯାଇ ପାରୁଛି । ଏଠାରେ ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ଟିଏସ୍ଏଫ୍ ପକ୍ଷରୁ ପଳସା ଖ ଏବଂ ପଳସା ଗ୍ରାମ ପଂଚାୟତ ଅନ୍ତର୍ଗତ ବେଗୁନା ସାହି ଗ୍ରାମରେ ୧୪୦ କେ.ଜି. ଉନ୍ନତମାନର ହଳଦୀ ଓ ଅଦା ବିହନ ବଣ୍ଟନ କରାଯାଇଛି । ଏହା ସହିତ ଉତ୍ପାଦ ବିକ୍ରୀ ପାଇଁ ବଜାର ସଂଯୋଗୀକରଣର ଆଶ୍ୱସନା ସେମାନଙ୍କ ମନୋବଳକୁ ବୃଦ୍ଧି କରିଛି ।

## ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ଜନ୍ମାଷ୍ଟମୀ ମିଳନ

କେନ୍ଦୁଝର,(ପି.ଏନ): ସ୍ୱାମୀ ବିବେକାନନ୍ଦ ଲୋକସଂସଦ,କେନ୍ଦୁଝର ପକ୍ଷରୁ ପବିତ୍ର ଜନ୍ମାଷ୍ଟମୀ ମିଳନ କୁଶଳେଶ୍ୱର ନିକଟସ୍ଥ ନୂଆପଡାସ୍ଥିତ ଭବ୍ୟ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗତକାଲି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଜନ୍ମାଷ୍ଟମୀ ଅବସରରେ ପୂଜାର୍ଚ୍ଚନା ସହ ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ସଭା କେନ୍ଦୁଝର ଜିଲ୍ଲାର ସଭାପତି ଡକ୍ଟର ବିମ୍ବାଧର ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିଲା । ଏହି ସଭାରେ ନୈତିକ ସଚେତନତା ସମ୍ପର୍କରେ ପ୍ରସ୍ତାବମାନ ଆଲୋଚନା ହୋଇଥିଲା । ଏଥିରେ ଉପସଭାପତି ଜଗନ୍ନାଥ ପଣ୍ଡା,ସମ୍ପାଦକ ପ୍ରାଧ୍ୟାପକ ବିଜୟ କୁମାର ସାହୁ ,ଉତ୍ତର ସମ୍ଭାଗ ମୋ ଗାଁ ଦାୟିତ୍ୱ ର ଆବାହକ ଡକ୍ଟର ବନ ବିହାରୀ ମିଶ୍ରଙ୍କ ସମେତ ସୁରେନ୍ଦ୍ର ନାଥ ଜେନା,ସୟ କୁମାର ପାତ୍ର,ରଘୁନାଥ ପଣ୍ଡା,ସୂରଜ କୁମାର ପଟ୍ଟନାୟକ,ଦିଲ୍ଲୀପ କୁମାର ଭୂୟାଁ,ମିଳନ କୁମାର ପତି,ସୁଦର୍ଶନ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନକୁ ଅନୁସରଣ କରି ସମାଜରେ ନୈତିକତା ପରିବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହା ପରେ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଥିଲା । ଶେଷରେ ନାରାୟଣ ଚନ୍ଦ୍ର ବୋଇତାଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆର୍ସିଲାର ମିତ୍ତଲ କମ୍ପାନୀର ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ




ବଡବିଲ,(ପି.ଏନ): ସଂପ୍ରତି ବର୍ଷା ଦିନରେ ବିଭିନ୍ନ ସହରାଞ୍ଚଳରେ ଡେଙ୍ଗୁଜ୍ୱରର ପ୍ରଭାବ ବିସ୍ତାର ହେବାର ସମ୍ଭାବନା ରହିଥାଏ । ବିଭିନ୍ନ ସ୍ଥାନରେ ପାଣି ଜମି ରହିବା ଓ ଅନ୍ୟ ଋତୁତୁଳନାରେ ଏହି ବର୍ଷ ଦିନରେ ପରି ମଳବ୍ୟବସ୍ଥା ବିଗିଡି ଯାଇଥାଏ ଓ ଡେଙ୍ଗୁ ମଶାର ବଂଶ ବିସ୍ତାର ପାଇଁ ଅନୁକୂଳ ପରିବେଶର ସୃଷ୍ଟି ହୋଇଥାଏ । ବିଗତ୨୦୧୬ ମସିହାରେ ଏହାର କାଳ ରୂପ ବଡ ବିଲ ଅନ୍ତେବାସୀ ସମ୍ମୁଖୀନ ହୋଇସାରିଛି ଯାହା ଅନେକଲୋକଙ୍କ ମୃତ୍ୟୁର କାରଣ ମଧ୍ୟ ହେଇଛି । ଏହାକୁ ଲକ୍ଷରଖି ସ୍ଥାନୀୟ ପ୍ରଶାସନ ତରଫରୁ ଲୋକଙ୍କ ମଧ୍ୟରେ ସଚେତନତା ସହ ନାଳନର୍ଦ୍ଦମା ସଫା ସହ ଆଁଟିଲାର୍ଭାଲର ସାୟନ ସ୍ୱରେ କାର୍ଯ୍ୟକ୍ରମକୁ ତ୍ୱରାନୀତ କରିବାପାଇଁ ଆଗେଇ ଆସିଛି । ଅନ୍ତରାଷ୍ଟ୍ରୀୟ କମ୍ପାନୀ ଅର୍ସିଲାର ନିପ୍ପନ୍ମିତ୍ତଲ କେନ୍ଦୁଝର ଜିଲ୍ଲାର ବଡବିଲ ଓ ସୁନ୍ଦରଗଡ଼ ଜିଲ୍ଲାର କୋଇଡା ଅଂଚଳରେ ଡେଙ୍ଗୁର ସଚେତନତା ଓ ନିରାକରଣ ପାଇଁ ହାତ ବଢେଇଛି । ଷୋହଳ ତାରିଖରେ କମ୍ପାନୀ ପକ୍ଷରୁ ଏକ ଡେଙ୍ଗୁ ସଚେତନତା ରଥକୁ ଜନସାଧାରଣଙ୍କ ଉଦେଶ୍ୟରେ ସମର୍ପିତ କରିଛି । ବଡବିଲ ପୌର ପରିଷଦର ଅଧକ୍ଷ ଲକ୍ଷ୍ମଣ ମହାନ୍ତ ଓ ପୌର ଅଧିକାରୀ ଅଭିଷେକ ପଣ୍ଡା ଉଦଘାଟନ କରିଥିବାବେଳେ କୋଇଡା ଅଞ୍ଚଳପାଇଁ କୋଇ ଡାଗୋଷ୍ଠୀ ଅଧିକାରୀ ପଲ୍ଲବୀରାଜ ଓ ବ୍ଲକ୍‌ଅଧକ୍ଷ ସୁରେଶ ରାୟ ଉଦଘାଟନ କରିଥିଲେ । ଏହି ସଚେତନତା ରଥକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଥି ଲା । କୋଇ ଡାରେକମ୍ପାନ 1 ତରଫରୁ ସାଗାସହିଖଣି ପ୍ରବନ୍ଧକ ଏଲଡିବାବୁ ଓ ଜନମ ଙ୍ଗଲ ଅଧିକା ରୀ ମୁସ୍ତାଫିଜ୍ ଅହମଦ ଉପସ୍ଥିତଥିଲେ । ଠିକ୍ ସେହିପରି ଠାକୁରାଣୀ ଖଣିପ୍ରବନ୍ଧକ ପ୍ରମୋଦ ମିଶ୍ର ଓ ଜନମଙ୍ଗଳ ଅଧିକାରୀ ପ୍ରମୋଦ ଆଚାର୍ଯ୍ୟ ଉପସ୍ଥିତ ଥିଲେ । କମ୍ପାନୀ ତରଫରୁ ସାମଜିକ ଦାୟିତ୍ୱବୋଧ ବିଭାଗର ମୁଖ୍ୟ ଜିତେଶ ରଥ କାର୍ଯ୍ୟ ପରିଚାଳନା କରିଥିଲେ ।

## ନେହେରୁ ଯୁବ କେନ୍ଦ୍ର ତରଫରୁ ଇଞ୍ଚରଭ୍ୟୁ ୟୁଥ୍ ଡେଭଲପମେଣ୍ଟ କାର୍ଯ୍ୟକ୍ରମ

ଆନନ୍ଦପୁର,(ପି.ଏନ):ନେହେରୁ ଯୁବ କେନ୍ଦ୍ର ସଂଗଠନ ତରଫରୁ ଆୟୋଜିତ ଇଞ୍ଚରଭ୍ୟୁ ୟୁଥ୍ କ୍ଲବ ଡେଭଲପମେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ୟୁଥ୍ ଅଫିସର ବସୁନ୍ଧରା ସାହୁ ଓ ଯୁବ ସମାଜସେବୀ ଯଜ୍ଞପ୍ରସାଦ ସାର ଅତିଥି ରୂପେ ଯୋଗଦାନ କରିଥିଲେ । ଆନନ୍ଦପୁର ଓ ହାଟଡିହି ବ୍ଲକରେ ନୂତନ ଭାବେ ନିର୍ମାଣ ହୋଇଥିବା କ୍ଲବର ସଦସ୍ୟମାନେ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ହାଟଡିହି ଏଓ୍ୱାଇଭିର ଈତିଶ୍ରୀ ରାଉତ ପରିଚାଳନା କରିଥିବା ବେଳେ ଆନନ୍ଦପୁର ଏଓ୍ୱାଇଭିର ଅଜୟ କୁମାର ସାହୁ ଏବଂ ଦୁର୍ଗାପ୍ରସାଦ ମୁର୍ମୁ ମୁଖ୍ୟ ଦାୟୀତ୍ୱ ବହନ କରିଥିଲେ । ମୁଖ୍ୟଅତିଥି ବସୁନ୍ଧରା ସାହୁ ଯୁବକ ମାନଙ୍କୁ କିପରି ନେସନ୍ ବିଲ୍ଡିଂ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରିବେ ସେ ବିଷୟରେ ବୁଝାଇ ଥିଲେ । ସମାଜ ସେବୀ ଯଜ୍ଞ ପ୍ରସାଦ ସମାଜରେ ଘଟୁଥିବା ଘଟଣା, ଆତ୍ମହତ୍ୟା ଯୁବକମାନେ କିପରି ନିଜକୁ ସଚେତନ ରଖିବେ ସେ ବିଷୟରେ ବୁଝାଇ ଥିଲେ ।

## ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କୋଭିଡ ଟୀକା ପ୍ରଦାନରେ ଅନିୟମିତତା

ଖୋର୍ଦ୍ଧା, (ପିଏନ): କେନ୍ଦ୍ର ଓ ରାଜ୍ୟ ସରକାର କୋଭିଡ ମହାମାରୀ ରୋଗ ପାଇଁ ନିର୍ଦ୍ଧାରିତ ସ୍ଥାନ,ତାରିଖ ଓ ସମୟରେ ବୁଷ୍ଟର ଡୋଜ ଟୀକା ଜନ ସାଧାରଣଙ୍କୁ ଦେବା ପାଇଁ ନିର୍ଦ୍ଦେଶନାମାର ବିଜ୍ଞପ୍ତି ପ୍ରକାଶ ପାଇଥାଏ । ବୋଡଳମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ଥିବା ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ କୋଭିଡ ବୁଷ୍ଟର ଡୋଜ ଟୀକା ନେବା ପାଇଁ ସ୍ଥାନୀୟ ଅଂଚଳର ଜନସାଧାରଣ ଅଟୋ ଭଡା କରି ଆସିଥାନ୍ତି ।ତେବେ ଏହି କେନ୍ଦ୍ରରେ ବହୁ ପରିମାଣରେ ଟୀକା ମହଜୁଦ ଥିବା ବେଳେ ଟୀକା ଦାୟିତ୍ୱରେ ରହିଥିବା ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ଜଣକ ଶୁକ୍ରବାର ଦିନ ପୂର୍ବାହ୍ନରେ ଲୋକମାନେ ଟୀକା ନଥିବାର କହି ଫେରାଇ ଦେଇଥିବାର ଦେଖିବାକୁ ମିଳିଛି । ଏଥିରେ ଜନସାଧାରଣ ମାନେ ନିରୁପାୟ ହୋଇ ଅଯଥା ଖର୍ଚ୍ଚାନ୍ତ ହୋଇ ଆସିଥିବାରୁ ଅସନ୍ତୋଷ ହେଉ ଥିବାର ଦେଖିବାକୁ ମିଳୁଛି । ଏହି ଟୀକା ନଥିବାର କହି ଫେରାଇ ନ ଦେବାର କଣ କାରଣ ରହିଛି ତାହା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏପରିକି ଗୁରୁବାର ଦିନ ଗଁପୁର ଗ୍ରାମର ଜଣେ ବ୍ୟକ୍ତି ଟୀକା ଦେବା ପାଇଁ ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିବା ବେଳେ ଭାକସିନ ନାହିଁ କହି ଫେରାଇ ଦେଇ କଂଟାବାଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯାଇ ଦେଇ ହେବ ବୋଲି ଦାୟିତ୍ୱରେ ରହିଥିବା ମହିଳା କର୍ମଚାରୀ ଜଣକ କହିଥିଲେ । ବ୍ୟକ୍ତି ଜଣକ କଂଟାବାଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ଟୀକାକରଣ ହେଉ ନଥିବାର ଦେଖିବାକୁ ପାଇଥିବା ବେଳେ ନିରାଶ ହୋଇ ଫେରିଥିଲେ ।ପରେ ମୋଟ ୩୦ କିମି ଅଟୋ ଯୋଗେ ଯାଇ ପୋଡାଡିହ ସ୍ୱାସ୍ଥ୍ୟ କେନ୍ଦ୍ରରେ ଟୀକା ନେଇଥିବାର ଜଣା ପଡଛି ।ଏ ନେଇ ବୋଡଳମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଦେବାଶିଷ ଆଚାର୍ଯ୍ୟଙ୍କୁ ଘଟଣା ସମ୍ପର୍କରେ ପଚାରିବାରେ ବୁଝି କରି କହିବେ ବୋଲି ଆମ ପ୍ରତିନିଧିନିଧିଙ୍କୁ ଜଣାଇଛନ୍ତି ।

## ବୁଦ୍ଧିଜୀବୀ ସମ୍ମିଳନୀ

ହାଟଡିହି,(ପି.ଏନ):ହାଟଡିହି ବ୍ଲକର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସର୍ବଜିତା ଫାଉଣ୍ଡେସନ୍ ତରଫରୁ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ରମାକାନ୍ତ ନାୟକ, ମୁଖ୍ୟ ବକ୍ତା ଭାବେ କେନ୍ଦୁଝର ଜିଲ୍ଲା ବିଜେପି ସଂଯୋଜକ ଡଃ.ଶମ୍ଭୁନାଥ ରାଉତ, ସମ୍ମାନୀତ ଅତିଥି ଭାବେ ସାହିତ୍ୟିକ ରତ୍ନାକର ଦାସ, ନାରୀ କବି ବିଦ୍ୟୁତ୍‌ପ୍ରଭା ଦେଓ ପ୍ରମୁଖ ଯୋଗ ଦେଇ ସମାଜ ସେବା ପାଇଁ ଆଜିର ଯୁବପିଢୀ ଆନ୍ତରିକତା ରଖିଥିବାରୁ ସୁସ୍ଥ ସମାଜ ଗଠନ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । ଫାଉଣ୍ଡେସନର ଅଧକ୍ଷା ଝାନ୍ସୀରାଣୀ ଦାସ ସଂଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିଷଦ ଭାବେ ଅବଗତ କରିଥିଲେ ।

## ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ତିଥିରେ ଦେବୀ ମଣ୍ଡପକୁ ମାଟି ଅନୁକୂଳ



ଢେଙ୍କିକୋଟ,(ପି.ଏନ):ସାର୍ବଜନୀନ ମାତୃପୀଠ ଟିକିରା-ଢେଙ୍କିକୋଟ ସ୍ଥିତ ଶ୍ରୀଦୁର୍ଗା ମାର୍କେଟ୍‌ରେ ଥିବା ଥିବା ଶ୍ରୀ ଦୁର୍ଗା ମଣ୍ଡପ ଓ ବ୍ୟାଙ୍କ୍ ବଜାର ଉପ ଦେବୀ ମଣ୍ଡପରେ ଶାରଦୀୟ ପାର୍ବଣ ପୂଜା ମହୋତ୍ସବ ପାଇଁ ପବିତ୍ର ଜନ୍ମାଷ୍ଟମୀ ତିଥିରେ ଶ୍ରୀଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ ପୂଜା ଅନୁଷ୍ଠିତ ହୋଇଯାଇଛି । ଉଭୟ ପୂଜା ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ପଟୁଆରରେ ଶଙ୍ଖ, ଘଣ୍ଟ ଧ୍ୱନିରେ ମାଟି ଅଣାଯାଇଥିଲା । ଏହି ଉପଲକ୍ଷେ ମା'ଙ୍କୁ ମଙ୍ଗଳ ଆଳତୀ, ଅନୁକୂଳ ମାଟିରେ ନୂତନ ବସ୍ତ୍ର ଲାଗି କରାଯାଇ ଦେବୀଙ୍କୁ ପୁଷ୍ପାର୍ପଣ ନୈବେଦ୍ୟ ପୂଜା ସହ ମନ୍ତ୍ରଯନ୍ତ୍ରାଦି ପାଠ ଯଥାବିଧି ସମର୍ପଣ କରାଯାଇ ପୂଜାର୍ଚ୍ଚନା କାର୍ଯ୍ୟ ସମାପନ କରାଯାଇଥିଲା । ଚଳିତ ବର୍ଷ ପୂଜାରେ ଶ୍ରୀ ଦୁର୍ଗା ମଣ୍ଡପର ୩୫ତମ ପାର୍ବଣ ପୂଜା ଓ ସାଂସ୍କୃତିକ ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ଏବେଠାରୁ କର୍ମକର୍ତ୍ତା ମାନଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି ।

## ଷ୍ଟ୍ରିଟ୍ ଲାଇଟ୍‌କୁ ଅନ୍ଧାରକଣା ରୋଗ, ନିଦାବିଷ୍ଟୁ ସ୍ଥାନୀୟ ଜନପ୍ରତିନିଧି, କୁହାମୁଣ୍ଡା କପିଳା ବିରୋଧି ଦଳ ନେତା, ଆନ୍ଦୋଳନର ରୂପ ନେବାକୁ ବସିଲାଣି ଜନଅସନ୍ତୋଷ

ଘଷିପୁର,(ପି.ଏନ):ଆନନ୍ଦପୁର ଉପଖଣ୍ଡର ଏକ ପୁରାତନ ଓ ଜନଗହଳିପୂର୍ଣ୍ଣ ଅଂଚଳ ହେଉଛି ଘଷିପୁରା ବ୍ଲକର ସାଇଁକୁଳ ଛକ । ଏହି ଅଂଚଳଟି ଏକ ସମ୍ବେଦନଶୀଳ ଅଂଚଳ ଅଟେ । ସେଥିପାଇଁ ସେଠାରୁ ମାତ୍ର ୭କି.ମି. ଦୂରରେ ରାମଚନ୍ଦ୍ରପୁର ଥାନା ଥିଲେ ମଧ୍ୟ ସାଇଁକୁଳ ଠାରେ ଏକ ଫାଣ୍ଡି କାର୍ଯ୍ୟାଳୟ ରହିଛି । ଦୁଃଖର ବିଷୟ ରାଜ୍ୟ ସରକାର ବିଭିନ୍ନ ଜାତୀୟ ରାଜପଥର ଛକ ଅଂଚଳ, ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଏବଂ ଜନଗହଳି ପୂର୍ଣ୍ଣ ଅ□ଳ ଗୁଡିକୁ ଆଲୋକିକରଣ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଏହି ସମ୍ବେଦନଶୀଳ ଅଂଚଳର ଷ୍ଟ୍ରିଟ୍ ଲାଇଟ୍ ଗୁଡିକୁ ଅନ୍ଧାରକଣା ରୋଗ ହୋଇଥିବା ଦେଖିବାକୁ ମିଳିଛି । ଏହାକୁ ଦେଖିଲେ ସରକାରୀ ମାଲ୍ ଦରିଆ ମେ ଡାଲ୍ ଉପାଖ୍ୟାନଟି ଏହି ପାଇଁ ଯଥାର୍ଥ ବୋଲି ଲାଗୁଛି । ପୂର୍ବରୁ ଅନେକ ଥର ଏହି ବଜାରରେ ରାତିରେ ଚୋରି ହୋଇଥିବା ସମ୍ପର୍କରେ ସ୍ଥାନୀୟ ବ୍ୟବସାୟୀ ଅଭିଯୋଗ କରିଥିଲେ । ଏହି ଛକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କଲେଜ୍ ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ରହିଥିବାରୁ ଦୂରଦୂରାନ୍ତରୁ ବହୁ ଲୋକ ଏଠାକୁ ଆସିଥାନ୍ତି । ଏସବୁକୁ ଦୃଷ୍ଟିରେ ରଖି ସାଇଁକୁଳ ଛକ ଦେଇ ଯାଇଥିବା ୨୦ନଂ ଜାତୀୟ ରାଜପଥରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା । କିନ୍ତୁ ଦୀର୍ଘ ୩ ମାସ ହେବ ଏହି ଲାଇଟ୍ ଗୁଡିକ ଜଳୁ ନଥିବା ବେଳେ ସାଇଁକୁଳ ବଜାର ଅନ୍ଧାର ରହୁଥିବାରୁ ଚୋରି ହେବାର ଭୟ ରହିଛି ଏବଂ ଏହା ଛକ ହୋଇଥିବାରୁ ଅନେକ ସମୟରେ ମଧ୍ୟ ଦୁର୍ଘଟଣା ଘଟୁଛି । ଫଳରେ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଏସବୁ ଦେଖି ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ବେଳେ ସ୍ଥାନୀୟ ଜନପ୍ରତିନିଧି ନିଦାବିଷ୍ଟୁ ସାଜିଛନ୍ତି । ଅନ୍ୟପଟେ ବିରୋଧି ଦଳର ନେତା କୁହାମୁଣ୍ଡା କପିଳା ସାଜିଛନ୍ତି । ଏହାକୁ ନେଇ ସ୍ଥାନୀୟ ଅଂଚଳରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଯଥାଶୀଘ୍ର ଉକ୍ତ ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ଏହା ଆନ୍ଦୋଳନର ରୂପ ନେବ ବୋଲି ଚେତାବନୀ ଦିଆଯାଇଛି ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM



MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray